## ରାଜପଥ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ

**ଭଣ୍ଡାରିପୋଖରୀ,୩୦।୪(ରାଜେନ୍ଦ୍ର ଶତପଥୀ):** ଭଣ୍ଡାରିପୋଖରୀ ତହସିଲ ଅଧୀନ ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ(ଟିଙ୍ଗୁଡ଼ିପୁର କେନାଲ ଛକ) ୧୬ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଉକ୍ତ ସ୍ଥାନରେ ପଞ୍ଚାୟତ କାର୍ଯ୍ୟାଳୟରୁ ଜାତୀୟ ରାଜପଥର ଅପରପାର୍ଶ୍ୱକୁ ଫୁଟ୍ ଓଭରବ୍ରିଜ ନିର୍ମାଣ କରାଯିବା ପାଇଁ ଉଚ୍ଛେଦ ଆବଶ୍ୟକ ହୋଇଥିଲା। ତହସିଲ ପକ୍ଷରୁ ଡାକବାଜିଯନ୍ତ୍ର ଯୋଗେ ଉଚ୍ଛେଦ କରାଯିବା ନେଇ ଜଣାଇ ଦିଆଯାଇଥିଲା। ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ ପୋଲିସ ସହାୟତାରେ ଜେସିବି ଦ୍ୱାରା ୧୭ଟି ଦୋକାନ ଉଚ୍ଛେଦ କରିଥିଲେ। ତହସିଲଦାର ରୋଜାଲିନ ବେହେରା, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଉପଖଣ୍ଡ ପୋଲିସ ଅଧିକାରୀ ଅନିରୁଦ୍ଧ ମୁଦୁଲି, ଭଣ୍ଡାରିପୋଖରୀ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ, ଧାମନଗର ଧାନାଧିକାରୀ ଶୁଭ୍ରଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ହସ୍ତତନ୍ତ ସଚିବଙ୍କ ଭଦ୍ରକ ଗସ୍ତ

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ଭଦ୍ରକ,୩୦।୪(ସନାତନ ରାଉତ/ ରବିନାରାୟଣ ଖିଲାର):**

ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ସଚିବ ଗୁହା ପୁନମ ତାପସ କୁମାର ଗୁରୁବାର ଭଦ୍ରକ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ଜିଲା ମୁଖ୍ୟ ଚିକିତ୍ସାଳୟ, ଏଫ୍‌ଏସ୍‌ପିପି ହରିପୁର, ଅର୍ଣ୍ଣପାଳ ପଞ୍ଚାୟତରେ ଗ୍ରାମୀଣ ଆବାସ ଯୋଜନାର ହିତାଧିକାରୀଙ୍କ ଘର, ମା' ବାସୁଳେଇ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ପରିଚାଳିତ ଫେୟାର ଶପ୍, ଜନଗଣନା କାର୍ଯ୍ୟ, ବେତଡ଼ା ଗ୍ରାମର ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା, ବାଗୁରାଇ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ଓ କୁଆଁସ ଶିଳ୍ପ ଗ୍ରାମ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରିଛନ୍ତି। ପରେ ସେ ନୂତନ ସର୍କିଟ ହାଉସ୍‌ରେ ସିଏମ୍



ସଚିବ ଗୁହା ପୁନମ ତାପସ କୁମାର ସ୍ୱୟଂସହାୟକ ଗୋଷ୍ଠୀ ପରିଚାଳିତ ଫେୟାର ଶପ୍ ହସ୍ତତନ୍ତ କାର୍ଯ୍ୟ ଦେଖୁଛନ୍ତି।

କିଷାନ ହିତାଧିକାରୀଙ୍କ ସହ ମତ ବିନିମୟ ଏବଂ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧୀୟ ସୂଚନା ଦେଇଥିଲେ। ଏହି ଗସ୍ତ ସମୟରେ ଜିଲାପାଳ ଦିଲୀପ ରାଉତରାଏ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଓ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବନ୍ତ, ୩୦।୪(କିଶୋର କୁମାର ସେଠୀ):**

ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ଆପଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟତ୍ରୀ କବିତା ସାହୁଙ୍କ ଅବସର ଗ୍ରହଣ ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସହ ଶିକ୍ଷାଧିକାରୀ ଭାଗୀରଥି ପାତ୍ର ଏବଂ ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଗୋଷ୍ଠୀ ସହ-ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ବସନ୍ତିଆ ସରପଞ୍ଚ ଅଶୋକ ସାହୁ, ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ଅଲ୍ ଓଷ୍ଟା ରାଜ୍ୟ ଯୁଗ୍ମ ସମ୍ପାଦକ ରୋହିତ କୁମାର ଜେନା, ଓଷ୍ଟା ଜିଲା ସଭାପତି ଶଶୀଶେଖର କରଶର୍ମା, ଅଲ୍ ଓଷ୍ଟା ଜିଲା ସମ୍ପାଦକ ଗୟାଧର ଦାସ, ବ୍ଲକ ସମ୍ପାଦକ ଜଗନ୍ନାଥ ମଲ୍ଲିକ, ବନ୍ତ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଧର୍ମେନ୍ଦ୍ର ନାରାୟଣ ଜେନା ପ୍ରମୁଖ ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ଜେନା, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ଲେଙ୍କା, ସନାତନ ଦାସ ଏବଂ ଚାଇଁପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୁଧାଂଶୁ ଶେଖର ଦାସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପଞ୍ଚସଖା ଶିକ୍ଷାସେତୁ ସଭାପତି ପୀତବାସ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କବିତା ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଜନଆକ୍ରୋଶ ସମାବେଶ

### ଗୁଆଗଡ଼ିଆ ସରପଞ୍ଚଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

**ଭଣ୍ଡାରିପୋଖରୀ,୩୦।୪ (ରାଜେନ୍ଦ୍ର ଶତପଥୀ):**

ଭଣ୍ଡାରିପୋଖରୀ ବ୍ଲକ ଭାଜପା ବଳଦେବଜୀଉ ମଣ୍ଡଳ ପକ୍ଷରୁ ଗୁରୁବାର ଜନଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ମହିଳା ସଭାନେତ୍ରୀ ଅନ୍ନପୂର୍ଣ୍ଣା ମଲ୍ଲିକଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ସ୍ୱର୍ଣ୍ଣଲତା ନାୟକ, ଅନ୍ନପୂର୍ଣ୍ଣା ବାରିକଙ୍କ ସମେତ ଶତାଧିକ ମହିଳା ଶୋଭାଯାତ୍ରାରେ ବାହାରିଥିଲେ। ପରେ ଜଳହରି ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସେମାନେ ମହିଳା ସଂରକ୍ଷଣ ବିଲ୍‌କୁ ପାରିତ କରାଇ ନ ଦିଆଯିବା ଘଟଣାକୁ ସମାଲୋଚନା କରିଥିଲେ। ମଣ୍ଡଳ ସଭାପତି ତଥା ସରପଞ୍ଚ ରଞ୍ଜନ କୁମାର ପରିଡ଼ା, ପୂର୍ବତନ ଜିଲା ସଭାପତି ଅକ୍ଷୟ ସାହୁ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ଅଜୟ ରାଉତ, ଗଗନ ସେଠୀ ପ୍ରମୁଖ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।



ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଭାଜପାର ଜନଆକ୍ରୋଶ ପଦଯାତ୍ରା



ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତ୍ରୀ ଓ ମହିଳାମାନେ।

**ତିହିଡ଼ି,୩୦।୪(ସଞ୍ଜିତ ବଳ):**

ତିହିଡ଼ି ବ୍ଲକ ଭାଜପା ଐଶାନ୍ୟଚଣ୍ଡୀ ମଣ୍ଡଳ ପକ୍ଷରୁ ବୁଧବାର ମହିଳା ଜନଆକ୍ରୋଶ ପଦଯାତ୍ରା ଓ ପ୍ରତିବାଦ ସଭା ମଣ୍ଡଳ ସଭାପତି ସାଇଶରଣ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗତ ମହିଳା ସଂରକ୍ଷଣ ବିଲ୍ ପାରିତ ନ ହେବା ପ୍ରତିବାଦରେ ଶତାଧିକ ମହିଳା ବାରୋ ପଞ୍ଚାୟତ ମହାକାଳୀ ମନ୍ଦିର ନିକଟରୁ ପଦଯାତ୍ରାରେ ବାହାରି କଂଗ୍ରେସ ଓ ବିଜେଡି ବିରୋଧରେ ସ୍ଲୋଗାନ ଦେଇଥିଲେ। ବିଲଣା ପଞ୍ଚାୟତ ଗଳଗଣ୍ଡପୁରସ୍ଥିତ ଗଜେନ୍ଦ୍ରଶ୍ୱର ମନ୍ଦିର ନିକଟରେ ପହଞ୍ଚିବା ପରେ କାଁପଡ଼ା ପଞ୍ଚାୟତ ସରପଞ୍ଚ କୁନ୍ତଳା ମଲିକଙ୍କ ପୌରୋହିତ୍ୟରେ ପ୍ରତିବାଦ ସଭା ହୋଇଥିଲା। ଜିଲା ପର୍ଯ୍ୟବେକ୍ଷକ ଜୟସ୍ମିତା ଗୋଚ୍ଛାୟତ, ବିଷ୍ଣୁପ୍ରିୟା ସାହୁ, ମାଳତୀ ସାହୁ, ପ୍ରତିମା ମଲିକ, କାଦମ୍ବିନୀ ଦାସ, କାମିନୀଲତା ଦାସ, ଶୈଳବାଳା ମିଶ୍ର ପ୍ରମୁଖ ଯୋଗଦେଇ ମହିଳା ସଂରକ୍ଷଣ ବିଲ୍ ପାରିତ କରିବା ପାଇଁ ଦାବି ଜଣାଇଥିଲେ। ଭାଜପାର ବରିଷ୍ଠ ନେତା ଦେବେନ୍ଦ୍ର ପୁହାଣ, ପ୍ରମୋଦ ଦାସ, ରଘୁନାଥ ମଲିକ, ଯୁବ ସଭାପତି ସମରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରେସ୍ ୟୁନିୟନର ବାର୍ଷିକ ସମାରୋହ

**ଧୁଷୁରୀ, ୩୦।୪ (ଦୀପ୍ତି ରଞ୍ଜନ ନାୟକ):**

ଧାମନଗର ବ୍ଲକ୍‌ର ଧୁଷୁରୀ ବାସନ୍ତୀ ପଡ଼ିଆରେ ଧୁଷୁରୀ ପ୍ରେସ୍ ୟୁନିୟନର ୨ୟ ବାର୍ଷିକ ସମାବର୍ତ୍ତନ ସମାରୋହ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ମୁଖ୍ୟବକ୍ତା ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଅଧିବକ୍ତା ଦେବାଶିଷ ସାମଲ, ବରେଣ୍ୟ ଅତିଥି ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ଧୁଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଅଧ୍ୟାପକ ଶ୍ରୀଧର ସାହୁ, ସାମାଜିକ କର୍ମୀ ନିଶିକାନ୍ତ ନାୟକ, ସୁଦେଶ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ୟୁନିୟନ ସାଧାରଣ ଲୋକଙ୍କ ସ୍ୱର ପାଲଟିଛି ବୋଲି ଅତିଥିମାନେ କହିଥିଲେ। ଉପସଭାପତି ଲକ୍ଷ୍ମୀନାରାୟଣ ମିଶ୍ର ଅତିଥି ପରିଚୟ ଦେଇଥିବା ବେଳେ କୋଷାଧ୍ୟକ୍ଷ ରତିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସମାରୋହରେ ଅତିଥି ଓ ୟୁନିୟନ କର୍ମକର୍ତ୍ତା 'ବନ୍ଦେ ଉତ୍କଳ ଜନନୀ' ଗାନ କରୁଛନ୍ତି।

## 'ଭଦ୍ରକର ନୌବାଣିଜ୍ୟ ଓଡ଼ିଆ ସାଂସ୍କୃତିକ ଅଭ୍ୟୁଦୟର ସ୍ମାରକୀ'

**ଭଦ୍ରକ,୩୦।୪(ସନାତନ ରାଉତ):**

ଓଡ଼ିଶାର ସଂସ୍କୃତି ଓ ଅର୍ଥନୀତି ସହ ସମୁଦ୍ରର ସମ୍ପର୍କ ଅବିଚ୍ଛେଦ୍ୟ। ବୈତରଣୀ ଓ ମନ୍ତେଇ ନଦୀର ସଙ୍ଗମସ୍ଥଳରେ ଅବସ୍ଥିତ ଚାନ୍ଦବାଲି ବ୍ରିଟିଶ ଶାସନ କାଳରୁ ଏକ ପ୍ରମୁଖ ବାଣିଜ୍ୟିକ ପ୍ରବେଶ ପଥ ଥିଲା। ସେହିପରି ଧାମରା ବିଶ୍ୱ ଅର୍ଥନୈତିକ ମାନଚିତ୍ରରେ ଶକ୍ତିଶାଳୀ କେନ୍ଦ୍ର ଭାବେ ପରିଚିତ। ଭଦ୍ରକର ନୌବାଣିଜ୍ୟ ଓଡ଼ିଆ ସାଂସ୍କୃତିକ ଅଭ୍ୟୁଦୟର ସ୍ମାରକୀ। ଏହା ଆମ ପାଇଁ ଗର୍ବ ଏବଂ ଭବିଷ୍ୟତ ଅର୍ଥନୀତି ପାଇଁ ଏକ ସଶକ୍ତ ଆଧାର ବୋଲି ଭଦ୍ରକ ନେହେରୁ ଷ୍ଟାଡିୟମ୍‌ରେ ଚାଲିଥିବା ବୈଶାଖୀ ମେଳାର ୪ର୍ଥ ସାନ୍ଧ୍ୟ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସାହିତ୍ୟିକ ଡା. ଦୁର୍ଯ୍ୟୋଧନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ 'ନୌବାଣିଜ୍ୟ ଇତିହାସରେ ଧାମରା-ଚାନ୍ଦବାଲି' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଯୋଗଦେଇ ବକ୍ତବ୍ୟ ଥିଲେ। ମୁଖ୍ୟବକ୍ତା ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ଶିକ୍ଷାବିତ୍ ଦୁଃଶାସନ ରାଉତ, ଶିକ୍ଷାବିତ୍ ଅମୂଲ୍ୟ ରାଉତ ଓ ରୋଟାରିଆନ ଅଶୋକ ମହାନ୍ତି ଯୋଗ ଦେଇଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକ, ସମ୍ପାଦକ ଅଧିବକ୍ତା ଗଦାଧର ବଳ, ଗୌରାଙ୍ଗ ଚନ୍ଦ୍ର ବାରିକ, ନାରାୟଣ ପାଢ଼ୀ, ବିପ୍ଳବ ହୋତା, ମଦନ ମୋହନ ନାୟକ, ଶରତ ଜେନା, ଗୀତାରାଣୀ ଆଇଚ, ଅଞ୍ଜୁବାଳା ନାୟକ, ସଂଯୁକ୍ତା ମିଶ୍ର, ବୈଲୋଚନ ବେହୁରିଆ, ସୁଚିତ୍ରା ପାଣିଗ୍ରାହୀ, ଉପେନ୍ଦ୍ର ବାରି, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କମିଟି ସଦସ୍ୟ ପଦ୍ମନ ରାୟ ସ୍ୱାଗତ ଭାଷଣ ପ୍ରଦାନ ଓ କବି ବାବୁଲାଲ ଦାସ ମଞ୍ଚ ଆହ୍ୱାନ କରିଥିଲେ। ନାରାୟଣ ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍: ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

**ଧାମନଗର,୩୦।୪ (ଦେବେନ୍ଦ୍ର ଆଡ଼ିଆ):** ଧାମନଗର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଗୁରୁବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବନବିହାରୀ ଦିଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ଜିଲା ସାମାଜିକ ସମୀକ୍ଷକ ସତ୍ୟଜିତ ପୃଷ୍ଟି, ଜିଲା ଅତିରିକ୍ତ ଉନ୍ନୟନ ଅଧିକାରୀ ଧନାଇ ଚରଣ ଗୁଡୁ ପ୍ରମୁଖ ଯୋଗ ଦେଇଥିଲେ। ୨୦୨୫-୨୬ ଆର୍ଥିକ ବର୍ଷର ୨୦୨୫ ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ ହୋଇଥିବା କାର୍ଯ୍ୟର ବିବରଣୀ ଉପସ୍ଥାପନ କରାଯାଇଥିଲା। ଏହି ସମୟ ମଧ୍ୟରେ ଅଣକୁଶଳୀ କାର୍ଯ୍ୟ ନିମନ୍ତେ ଆବେଦନ କରିଥିବା ସମସ୍ତ ୮୭ ପରିବାରକୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ମୋଟ ୬୮୦ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ଏଥିପାଇଁ ୧ କୋଟି ୪୦ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ କରାଯାଇଛି। ଫଳରେ ଅଞ୍ଚଳରେ ୮୧ଟି ସ୍ଥାୟୀ ସମ୍ପତ୍ତି ସୃଷ୍ଟି ହୋଇପାରିଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସନ୍ଧ୍ୟାରାଣୀ ସାମଲ ଅତିଥି ପରିଚୟ ଦେଇଥିଲେ। ବ୍ଲକ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲା ବିଦ୍ୟୁତ୍ କଳିଙ୍ଗ ସଂଘ ପକ୍ଷରୁ ଦାବିପତ୍ର

**ଭଦ୍ରକ,୩୦।୪(ସନାତନ ରାଉତ):**

ଭଦ୍ରକ ଜିଲା ବିଦ୍ୟୁତ୍ କଳିଙ୍ଗ ସଂଘ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ପାୱାର ହାଉସସ୍ଥିତ ସୁପରିଣ୍ଟେଣ୍ଡେଣ୍ଟ ଅଫିସକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଉଟସୋର୍ସ/ବିଏ/ଆର୍‌ସି ଶ୍ରମିକମାନଙ୍କର ଚାଲୁଥିବା ଛଟେଇକୁ ତୁରନ୍ତ ବନ୍ଦ କରିବା, ଅଭିଜ୍ଞ ଶ୍ରମିକମାନଙ୍କୁ ସ୍ଥାୟୀ କରିବା ସମ୍ବନ୍ଧରେ ପୁନଃ ସମୀକ୍ଷା, ୧୯୪୭ ଶ୍ରମ ଆଇନ ନିୟମକୁ ସୁନିଶ୍ଚିତ କରିବା, ବିନା ଟିପିଏନ୍‌ଓଡିଏଲ୍‌ରେ ଖାଲି ଥିବା ସମସ୍ତ ନିୟମିତ ବୈଷୟିକ ପଦବୀ ପୂରଣ କରିବା, କୌଣସି ବୈଧ କାରଣ ବିନା କର୍ମଚାରୀମାନଙ୍କୁ ଚାକିରିରୁ ବାହାର ନ କରିବା, କାର୍ଯ୍ୟରତ ସମୟରେ ପ୍ରଭାବିତ ଶ୍ରମିକ ଏବଂ କର୍ମଚାରୀଙ୍କୁ ପୁନର୍ବାସ ସହାୟତା ଆଦି କରାଯାଇଛି। ସାଧାରଣ ସମ୍ପାଦକ ବସନ୍ତ ମହାନ୍ତି, ସଭାପତି ଦୀପକ ବାରିକ, କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମୋହନ ବେହେରା, ଉପ ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ଜଗବନ୍ଧୁ ସାମନ୍ତ, କୋଷାଧ୍ୟକ୍ଷ ରାଜକିଶୋର ଖଟୁଆ ପ୍ରମୁଖଙ୍କ ନେତୃତ୍ୱରେ ଶ୍ରମିକମାନେ ଦାବିପତ୍ର ପ୍ରଦାନ କରିଥିଲେ। ନ୍ୟାୟ ନ ମିଳିଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଅନଶନରୁ ଉଠିଲେ ପଞ୍ଚାୟତ ପ୍ରତିନିଧି

**ବାସୁଦେବପୁର,୩୦।୪(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ):**

ବାସୁଦେବପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ପ୍ରତିନିଧିଙ୍କ ଅନଶନ ଗୁରୁବାର ୪ର୍ଥ ଦିନରେ ପହଞ୍ଚିଥିଲା। ସରପଞ୍ଚ ସଂଘର ଆହ୍ୱାନକ୍ରମେ ଚାଲିଥିବା ଏହି ଅନଶନର ୪ର୍ଥ ଦିନରେ ଗୁଆଗଡ଼ିଆ ପଞ୍ଚାୟତ ସରପଞ୍ଚ ଉମାକାନ୍ତ ମଳିକଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ

### ସରପଞ୍ଚଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

ପ୍ରାଥମିକ ଚିକିତ୍ସା କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟା ପରେ ବାସୁଦେବପୁର ସହରରେ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ଓ ଘଡ଼ଘଡ଼ି ହୋଇଥିଲା। ଘଡ଼ଘଡ଼ି ଶବ୍ଦରେ ସରପଞ୍ଚ ଉମାକାନ୍ତଙ୍କ ଶ୍ରବଣ ଶକ୍ତି କମିଯାଇଥିଲା। ପ୍ରେସର କମିଯିବା ସହ ଶ୍ରବଣ ଶକ୍ତି ହ୍ରାସ ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଅପରପକ୍ଷେ ସରପଞ୍ଚ, ସମିତିସଭ୍ୟଙ୍କ ଦାବି ହାସଲ ନ ହେବା ଯାଏ ଅନଶନରୁ ହଟିବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଥିଲେ। ଗୁରୁବାର ସନ୍ଧ୍ୟାରେ ଏପିଡି ଧନଞ୍ଜୟ ଗୁଡୁ ଅନଶନକାରୀଙ୍କ ପାଖରେ ପହଞ୍ଚି ଆସନ୍ତା ମେ ୫ରେ ବ୍ଲକ୍ କନ୍‌ଫରେନ୍ସ ହଲ୍‌ରେ ଜିଲା ପ୍ରଶାସନ ଓ ସରପଞ୍ଚ ସଂଘ ମଧ୍ୟରେ ବିସ୍ତୃତ ଆଲୋଚନା ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ସେମାନେ ଅନଶନରୁ ଉଠିଛନ୍ତି। ବିଡିଓ ତନ୍ମିତା କର ଉପସ୍ଥିତ ଥିଲେ।

## ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଉଛି।

**ବନ୍ତ,୩୦।୪(ହରିନାରାୟଣ ମହାନ୍ତି):**

ଉତ୍ତମ ଛାତ୍ରୀଛାତ୍ର ଗଠନରେ ବିଦାୟୀ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଗୁରୁବାର ବନ୍ତ ବ୍ଲକ ନିଳୋକସ୍ଥିତ ବାବାଜୀ ଚରଣ ସଂସ୍କୃତ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ କହିଛନ୍ତି। ବିଦ୍ୟାଳୟର ପୂର୍ବତନ ସମ୍ପାଦକ ଅବିନାଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ରଜନୀ ସେଠୀ, ମୁଖ୍ୟବକ୍ତା ସମିତିସଭ୍ୟ ଉଦ୍ଧବ ଚରଣ ସେଠୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ପଣ୍ଡା, ଧିରେନ୍ଦ୍ର କୁମାର ବିଶ୍ୱାଳ, କଟିଣାସ୍ଥିତ ବିଷ୍ଣୁ ମୋହନ ସଂସ୍କୃତ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ, ସାମାଜିକ କର୍ମୀ ହରିନାରାୟଣ ମହାନ୍ତି ଯୋଗ ଦେଇଥିଲେ। ଶିକ୍ଷକ ଉମେଶ ଚନ୍ଦ୍ର ସାହୁ, ଗୋପବନ୍ଧୁ ଦାସ, ଅନାମ ଚରଣ ପାତ୍ର, ପ୍ରଭାତ ପୁହାଣ ବିଦାୟୀ ଶିକ୍ଷକ ପଣ୍ଡିତ ଅଭିମନ୍ୟୁ ସେନାପତି ଓ ଶିକ୍ଷୟିତ୍ରୀ ଅଞ୍ଜଳି ରାଉତଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ପରେ ବିଦାୟୀ ଶିକ୍ଷୟିତ୍ରୀଙ୍କଠାରୁ ବିଷ୍ଣୁ ମୋହନ ସଂସ୍କୃତ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ପାଣିଗ୍ରାହୀ ଦାୟିତ୍ୱ ଗ୍ରହଣ କରିଥିଲେ।

## ଚୋରି ଅଭିଯୋଗରେ ୨ ଗିରଫ

**ବାସୁଦେବପୁର,୩୦।୪(କାଳିପଦ ରାୟ):** ଭଦ୍ରକ ବ୍ଲକ ସାବରଙ୍ଗ ପୋଲିସ ଚୋରି ଅଭିଯୋଗରେ ୨ ଜଣଙ୍କୁ ଗୁରୁବାର ଗିରଫ କରିଛି। ସେମାନେ ହେଲେ ତିହିଡ଼ି ଥାନା ଜିଝାରପୁର ଗ୍ରାମର ବିକ୍ରମ ମଲିକ ଓ ବାଲେଶ୍ୱର ଜିଲା ବାଲିଖଣ୍ଡର ମିର ସକିମ। ବିକ୍ରମ ଏକ ନମ୍ବର ବିହୀନ ବାଇକ୍‌ରେ ଦ୍ରୁତଗତିରେ ଇଚ୍ଛାପୁର ଆଡ଼କୁ ଯାଉଥିବା ବେଳେ ନାକା ଡ୍ୟୁଟିରେ ଥିବା ସାବରଙ୍ଗ ପୋଲିସ ତାଙ୍କୁ ସେରପୁର ଛକଠାରେ ଧରିଥିଲା। ଥାନାକୁ ନେଇ ପଚରାଉଚରା ପରେ ସେ ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି କରି ଅନ୍ୟତ୍ର ବିକ୍ରି କରୁଥିବା ସ୍ୱୀକାର କରିଥିଲେ। ଏନେଇ ମାମଲା(ନଂ.୧୩୫/୨୬) ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ପ୍ରିୟବ୍ରତ ବିଶ୍ୱାଳ କହିଛନ୍ତି। ସେହିପରି ଇନ୍‌ଭର୍ଟରର ବ୍ୟାଟେରି ଚୋରି ଅଭିଯୋଗରେ ମିର ସକିମଙ୍କୁ ଚଣ୍ଡୀଗାଁ ଛକରୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ୨ ବ୍ୟାଟେରି ଜବତ କରାଯାଇଛି। ମାମଲା (ନଂ.୧୩୬/୨୬) ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ବିଶ୍ୱମ୍ଭର ନାୟକ କହିଛନ୍ତି।

## ରାଶନ ସାମଗ୍ରୀ ପାଇଁ ଅନଶନ

### ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବଞ୍ଚିତ

**ଧାମନଗର,୩୦।୪(ସନ୍ତୋଷ କୁମାର ମହାପାତ୍ର):**

ଧାମନଗର ବ୍ଲକ୍ ଅଧୀନ ଅସୁରାଳି ପଞ୍ଚାୟତ ତୋରବନ୍ଧିଆ ଗ୍ରାମର ଘନଶ୍ୟାମ ଖଟୁଆ ପ୍ରାୟ ୧୦ବର୍ଷରୁ ଉର୍ଦ୍ଧ୍ୱ ହେବ ରାଶନ ସାମଗ୍ରୀରୁ ବଞ୍ଚିତ। ଏନେଇ ବାରମ୍ବାର ବିଡିଓ, ଯୋଗାଣ ନିରୀକ୍ଷକ ପ୍ରମୁଖ ବିଭିନ୍ନ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଶେଷରେ ବାଧହୋଇ ଗୁରୁବାର ସେ ବ୍ଲକ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଥିଲେ।

ଘନଶ୍ୟାମ ଦର୍ଶାଇଛନ୍ତି ଯେ, ରାଶନ କାର୍ଡ (ନଂ.୦୪୦୬୦୩୧୦୨୬୨) ଅନୁଯାୟୀ ୨୦୧୫ରେ କାର୍ଡ଼ରେ ମାସକୁ ୫ କେଜି ଚାଉଳ ଉଠାଣ କରୁଥିଲେ। ପ୍ରାୟ ୧ ବର୍ଷ ଧରି ସ୍ଥାନୀୟ ଡିଲର ରାଶନ ସାମଗ୍ରୀ ବଣ୍ଟନ ପାଇଁ ଦାୟିତ୍ୱ ଦେଇଥିବା ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ସେ ଚାଉଳ ନେଉଥିଲେ। ୨ କି.ମି. ଦୂରତା ଅତିକ୍ରମ କରି ବହୁ ହଇରାଣ ହୋଇ ଚାଉଳ ପାଉଥିଲେ। ଏପରିକି ଚାଉଳ ବଣ୍ଟନ ବାରିରେ ଭୋର



ବ୍ଲକ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଛନ୍ତି ତୋରବନ୍ଧିଆ ଗ୍ରାମର ଘନଶ୍ୟାମ ଖଟୁଆ।

୩ଟାରୁ ନିଜର ରାଶନ କାର୍ଡ ଦାୟିତ୍ୱରେ ଥିବା ଉକ୍ତ ବ୍ୟକ୍ତିଙ୍କ ପାଖରେ ଡିପୋଜିଟ ଦେଇ ଲାଇନ ଲଗାଉଥିଲେ। ହେଲେ ସେ କାର୍ଡ ଡିପୋଜିଟ ପରେ ତିନିଦିନ ଧରି ଦାୟିତ୍ୱରେ ଥିବା ବ୍ୟକ୍ତି ଜଣଙ୍କ ତାଙ୍କୁ ଚାଉଳ ଦେଇ ନ ଥିଲେ। ବାରମ୍ବାର ଦୌଡ଼ି ନୟାନ୍ତ ହେବା ପରେ ସେ ହତୋତ୍ସାହିତ ହୋଇ ନିଜର ରାଶନ କାର୍ଡକୁ ସେହି ସମୟରେ ଥିବା ବିଡିଓଙ୍କ ପାଖରେ ସରେଣ୍ଡର କରିଥିଲେ। ପରବର୍ତ୍ତୀ ସମୟରେ ରାଶନ ଚାଉଳ ପାଇବା ନେଇ ବାରମ୍ବାର ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ବିଡିଓ, ବ୍ଲକ ଯୋଗାଣ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ତାଙ୍କୁ ରାଶନ ସାମଗ୍ରୀ ମିଳି ନ ଥିଲା। ଶେଷରେ କୌଣସି ଉପାୟ ନ ପାଇ ରାଶନ ସାମଗ୍ରୀ ପାଇବା ପାଇଁ ବାଧହୋଇ ଆମରଣ ଅନଶନ କରିବେ ବୋଲି ଚରମ ନିଷ୍ପତ୍ତି ନେଇ ୭ ଦିନ ପୂର୍ବରୁ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ଏହାପରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଚେତା ପଶି ନ ଥିଲା। ଫଳରେ ସେ ଗୁରୁବାର ବ୍ଲକ କାର୍ଯ୍ୟାଳୟ ଆଗରେ ଅନଶନ କରିଛନ୍ତି। ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ବିଡିଓ ବନବିହାରୀ ଦିଣ୍ଡା ପ୍ରମୁଖ ଅନଶନରେ ବସିଥିବା ଘନଶ୍ୟାମଙ୍କୁ ଭେଟି ସବୁ ସମସ୍ୟା ବୁଝିଥିଲେ। ୧୦ଦିନ ମଧ୍ୟରେ ରାଶନ କାର୍ଡ ସହ ୫ କେଜି ଚାଉଳ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ରାଶନ କାର୍ଡ ସମସ୍ୟା ତୁରନ୍ତ ସମାଧାନ ନ ହେଲା ପର୍ଯ୍ୟନ୍ତ ଅନଶନରୁ ଉଠିବେ ନାହିଁ ବୋଲି ଘନଶ୍ୟାମ ଜିଦ୍ ଧରି ବସିଥିଲେ। ସନ୍ଧ୍ୟାରେ ବିଡିଓ ଦିଣ୍ଡା ଏବଂ ସରପଞ୍ଚ ସୂରଜ ସାହୁ ପ୍ରତିଶ୍ରୁତି ଦେବା ପରେ ସେ ଅନଶନରୁ ଉଠିଥିଲେ।

## ବଜ୍ରପାତରେ ଘର ପୋଡ଼ିଗଲା

ଖଇରା, ୩୦।୪(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାର୍ଷଗଡ଼ିଆ ଆଦିବାସୀ ସାହିରେ ବୁଧବାର ରାତିରେ ବଜ୍ରପାତ ଯୋଗୁ ଅଗ୍ନିକାଣ୍ଡ ଘଟି ବୁଦ୍ଧିଆ ସିଂଙ୍କର ୨ବଖରା ବାସଗୃହ ପୋଡ଼ିଯାଇଛି। ଏଥିରେ ୩ଟି ଛେଳି ଜୀବନ୍ତ ଦଗ୍ଧ ହୋଇ ଯାଇଥିବା ବେଳେ ନଷ୍ଟ ହୋଇଥିବା ସମ୍ପତ୍ତିର ଆନୁମାନିକ ମୂଲ୍ୟ ଲକ୍ଷାଧିକ ହେବ ବୋଲି କୁହାଯାଉଛି। ଗୁରୁବାର କୁପାରୀ ରାଜସ୍ୱ ନିରୀକ୍ଷକ ଚନ୍ଦ୍ରଶେଖର ପଣ୍ଡା ଘଟଣାସ୍ଥଳକୁ ଯାଇ ପଲିଥିନ ପ୍ରଦାନ କରିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ସମିତିସଭ୍ୟା ପ୍ରତିନିଧି ଶ୍ରୀକାନ୍ତ ବେହେରା, ଯୁବ ସଙ୍ଗଠକ ଦୈତାରୀ ପଣ୍ଡା, ମଙ୍ଗୁଲୁ ସିଂ ପ୍ରମୁଖ ସହାୟତା ପ୍ରଦାନ କରିଥିବା ବେଳେ ସରକାରୀ ଗୃହ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାକୁ ଦାବି କରିଛନ୍ତି।

# ପୂର୍ବତନ ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

## ସରକାରୀ ଅର୍ଥ ଆତ୍ମସାତ୍ ମାମଲା

ବାଲେଶ୍ୱର, ୩୦।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ)

ସରକାରୀ ଅର୍ଥ ଆତ୍ମସାତ ମାମଲାର ବିଚାର କରି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଲଳିତ କୁମାର ଦାଶ ଗୁରୁବାର ପୂର୍ବତନ ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ମାସ କାରାଦଣ୍ଡ ଭୋଗିବା ପାଇଁ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ନୀଳଗିରିର ପୂର୍ବତନ ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ର (୬୭) ଗତ ୧୪।୩।୨୦୦୭ରୁ ୧୪।୭।୨୦୦୭ ମଧ୍ୟରେ ଜାତୀୟ ଉଦ୍ୟାନ କୃଷି ମିଶନ ଯୋଜନାର ବ୍ୟାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମେ ୨ଲକ୍ଷ ୧୦ହଜାର ଟଙ୍କା ଉଠାଇଥିଲେ। ମାତ୍ର ବ୍ୟାଙ୍କରୁ ଉଠାଇଥିବା ଏହି ଟଙ୍କାକୁ ଅଭିଯୁକ୍ତ ମିଶ୍ର ସମ୍ପୃକ୍ତ ଯୋଜନାର ହିତାଧିକାରୀମାନଙ୍କୁ ବଣ୍ଟନ ନ କରି ଆତ୍ମସାତ କରିଥିଲେ। ଏହାସହିତ ସହକାରୀ ଉଦ୍ୟାନ କୃଷି ଅଧିକାରୀ, ନୀଳଗିରିଙ୍କ କାର୍ଯ୍ୟାଳୟରେ ୨୦୦୫-୦୬ ରୁ ୨୦୦୭-୦୮ ଆର୍ଥିକ ବର୍ଷ ପାଇଁ କରାଯାଇଥିବା ଆଭ୍ୟନ୍ତରୀଣ ଅଡିଟ୍ ସମୟରେ ମିଶ୍ର ଉକ୍ତ ଅର୍ଥ ଉଠାଣ ସମ୍ବନ୍ଧରେ କୌଣସି ହିସାବ ଦେଇପାରି ନ ଥିଲେ। ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ନଂ. ୩୪/୨୦୦୯ ରେ ମିଶ୍ରଙ୍କୁ ଭିଜିଲାନ୍ସ ପୋଲିସ ଗିରଫ କରିଥିଲା। ଏହି ମାମଲା ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାରାଧୀନ ଥିଲା। ଗୁରୁବାର ଏହି ମାମଲାର ବିଚାର କରି ଭ୍ରଷ୍ଟାଚାର ନିବାରଣ ଆଇନ ୧୯୮୮ର ଧାରା (୨) ସହ ୧୩(୧)(ସି) ଏବଂ ଆଇପିସି ଧାରା ୪୦୯ ଅନୁଯାୟୀ ବିଚାରପତି ଦାଶ ଅଭିଯୁକ୍ତ ମିଶ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଧାକାନ୍ତ ମାହାପାତ୍ର ଏହି ମାମଲାକୁ ପରିଚାଳନା କରିଥିଲେ।

# ବାଲିଆପାଳରେ ଜନ ଆକ୍ରୋଶ ମହିଳା ସମାବେଶ




ଆନ୍ଦୋଳନରେ ଭାଜପା ନେତା, କର୍ମୀ ଓ ସମର୍ଥକ।

ବାଲିଆପାଳ, ୩୦।୪(ଗୋପାଳ ଚନ୍ଦ୍ର ସାହୁ)

ଭାଜପା ଉତ୍ତର ବାଲେଶ୍ୱର ପକ୍ଷରୁ ଗୁରୁବାର ଅପରାହ୍ନ ସାଢ଼େ ୫ଟାରେ ବାଲିଆପାଳ ନେତାଜୀ ଷ୍ଟାଡିୟମରେ ଜନଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହଜାର ହଜାର ମହିଳା ଯୋଗଦେଇ ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡରୁ ଏକ ପଦଯାତ୍ରାରେ ବାହାରି ଜାମକୁଣ୍ଡା ଛକ ପାରୁଳିଆ ଛକ, ବ୍ଲକ ଛକ ଦେଇ ସଭାସ୍ଥଳରେ ପହଞ୍ଚିଥିଲେ। ଉତ୍ତର ବାଲେଶ୍ୱର ଜିଲା ସଂଯୋଜିକା ସୁମତୀରାଣୀ ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମମତା ମହାପାତ୍ର, ଭାଜପା ଉତ୍ତର ବାଲେଶ୍ୱର ସଭାପତି ପ୍ରଦୀପ ପଣ୍ଡା, ବସ୍ତା ନିର୍ବାଚନମଣ୍ଡଳୀ ଭାଜପା ନେତା ରବୀନ୍ଦ୍ରନାଥ ଅଣ୍ଡିଆ, ଭୋଗରାଇ ନିର୍ବାଚନମଣ୍ଡଳୀ ନେତା ଆଶିଷ କୁମାର ପାତ୍ର, ଜଳେଶ୍ୱର ନିର୍ବାଚନମଣ୍ଡଳୀ ଭାଜପା ନେତା ବ୍ରଜମୋହନ ପ୍ରଧାନ, ଅନିମା ପାଣିଗ୍ରାହୀ, ସଂଯୁକ୍ତା ମଣ୍ଡଳ, ହରିପ୍ରିୟ ପାତ୍ରଙ୍କ ସହିତ ବହୁ ନେତ୍ରୀନେତା ଯୋଗଦେଇ ଶତକଡା ୩୩ ଭାଗ ମହିଳା ବିଲ୍ ସଂରକ୍ଷଣ ସହିତ ଅନ୍ୟ ବିଲ୍ ପାରିତ ନ ହେବା ବିରୋଧରେ କଂଗ୍ରେସର ଓ ଏନଡି ମେଣ୍ଟ ବିରୋଧରେ ବର୍ଷିଥିଲେ। ଶେଷରେ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା।

## ଜିଲାପାଳଙ୍କୁ ଭେଟିଲେ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା

ବାହାନଗା, ୩୦।୪(ଅରୂପ କୁମାର ଦାସ): ବାହାନଗା ବ୍ଲକର ଗୋପାଳପୁରଠାରେ ଥିବା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଭେଟିଛନ୍ତି। ବାହାନଗା ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ସହିତ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଦାବିପତ୍ର ଦେଇଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ପୋଲିସ ବିଭାଗ ଦ୍ୱାରା ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଛି। ମାତ୍ର ଏ ଯାବତ୍ ବାହାନଗା ବ୍ଲକର ବରିଷ୍ଠ ନାଗରିକମାନେ ସୁବିଧାରୁ ବଞ୍ଚିତ ରହିଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ ପୋଲିସ ଉଚ୍ଚ ପଦାଧିକାରୀଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ତେଣୁ ଜିଲାପାଳ, ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ଶଙ୍କର୍ଷଣ ଶିଅଳ, ଶିଶିର କୁମାର ଅଗସ୍ତି, ବେଣୁଧର ଜେନାଙ୍କ ସମେତ ମଞ୍ଚର କର୍ମକର୍ତ୍ତାମାନେ ଅନୁରୋଧ କରିଛନ୍ତି।

# ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ଆମରଣ ଅନଶନ



ଅନଶନରେ ବସିଛନ୍ତି ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ନେତା ଓ କର୍ମୀମାନେ।

ଗାନ୍ଧିଛକ (ଦିଲୀପ ପଣ୍ଡା)/ ବସ୍ତା(ହରିଶଙ୍କର ପାଢୀ), ୩୦।୪

ବସ୍ତା ରେଳଷ୍ଟେଶନ ସମ୍ମୁଖରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ୪ଦଫା ଦାବି ନେଇ ଆମରଣ ଅନଶନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ ବସ୍ତା ରେଳଷ୍ଟେଶନରେ କିଛି ଏକ୍ସପ୍ରେସ ରହଣି, ଗାଡି ନମ୍ବର ୧୨୮୧୯ ଅପ୍, ୧୨୮୨୦ ଡାଉନ୍ ଭୁବନେଶ୍ୱର ନ୍ୟୁଦିଲ୍ଲୀ (ଓଡିଶା ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ),୧୨୦୭୩ ଅପ୍ ୧୨୦୭୪ ଡାଉନ୍ ଭୁବନେଶ୍ୱର ହାୱଡା (ଜନଶତାବ୍ଦୀ ଏକ୍ସପ୍ରେସ), ୧୨୮୭୫ଅପ୍ ୧୨୮୭୬ଡାଉନ୍ ଆନନ୍ଦ ବିହାର (ନୀଳାଚଳ ଏକ୍ସପ୍ରେସ) ଓ ବସ୍ତା ରେଳଷ୍ଟେଶନ ଉନ୍ନତୀକରଣ ଆଦି ରହିଛି। ପୂର୍ବରୁ ଦଳ ପକ୍ଷରୁ ଏହି ଦାବିଗୁଡିକ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ୨୮ତାରିଖ ସୁଦ୍ଧା କର୍ତ୍ତୃପକ୍ଷ କୌଣସି ପ୍ରତିଶ୍ରୁତି ନ ଦେଲେ ୨୯ ତାରିଖଠାରୁ ଆମରଣ ଅନଶନରେ ବସିବାର ନିଷ୍ପତ୍ତି ଜଣାଇଥିଲେ। ଦଳର ଜିଲା ସଭାପତି କମଳଲୋଚନ ବାରିକ, ସାମାଜିକ କର୍ମୀ କୁମୁଦରଞ୍ଜନ ଗିରି, ଲିଲି ମୁଖୀ, ପଦ୍ମିନୀ ଦାସ, ବାସନ୍ତୀ ରାମ, ଆଶାମଣି ରାମ, ବୀନତି ରାମ ଓ ରଇକାରୀ ରାମ ଆମରଣ ଅନଶନରେ ବସିଥିବା ବେଳେ ବସ୍ତା ବ୍ଲକ ସଭାପତି ମୀର ଜାହିଦ, ଉପସଭାପତି ପ୍ରଶାନ୍ତ କୁମାର ପାତ୍ର ଓ ସେକ୍ ରିୟାଯୁଦ୍ଦିନ ସହଯୋଗ କରିଥିଲେ। ଖଡ଼ଗପୁର ଡିଭିଜନର ଅଧିକାରୀ, ବସ୍ତା ଷ୍ଟେଶନ ଅଧିକାରୀ, ବାଲେଶ୍ୱର ଷ୍ଟେଶନ ଅଧିକାରୀ ଓ ଜଳେଶ୍ୱର ଷ୍ଟେଶନ ଅଧିକାରୀ ପହଞ୍ଚି ଅନଶନକାରୀଙ୍କୁ ବୁଝାଶୁଝା କରି ଉକ୍ତ ଦାବିକୁ ବିଚାରକୁ ନେଇ ଯଥାଶୀଘ୍ର ପୂରଣ କରିବାର ପ୍ରତିଶ୍ରୁତି ଦେଇ ଅନଶନ ପ୍ରତ୍ୟାହାର କରିବା ପାଇଁ ଅନୁରୋଧ କରିଥିଲେ। ଏହାପରେ ଅନଶନକାରୀମାନେ ହଟିଥିଲେ।

## ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜରୁ ଚୋରି ସନ୍ଦେହ: ୨ ଅଟକ

ସୋର, ୩୦।୪ (ଜନ୍ମେଜୟ ମିଶ୍ର): ସୋର ଥାନା ପିତାକାଳିଆ ନିକଟରେ ଥିବା ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜରୁ ଚୋରି ସନ୍ଦେହରେ ପୋଲିସ ୨ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ଏହି ସ୍ଥାନରେ ଥିବା ବିଏସଏନଏଲ ଏକ୍ସଚେଞ୍ଜ ଦାୟିତ୍ୱରେ ଥିବା କର୍ମଚାରୀ ରାମଚନ୍ଦ୍ର ଶିଅଳ ମଧ୍ୟାହ୍ନରେ ଖାଇବାକୁ ଯାଇଥିଲେ। କିନ୍ତୁ ଖାଇସାରି ଫେରିବା ପରେ ଘର କାଚ ଭଙ୍ଗାରୁଜା ହେବା ସହିତ ଘର ମଧ୍ୟରେ କେହି କଥା ହେଉଥିବା ଜାଣିପାରି ଶଟର ପକାଇ ଉପରିସ୍ଥ ଅଧିକାରୀଙ୍କୁ ଏ ବାବଦରେ ସୂଚନା ଦେଇଥିଲେ। ସୋରରେ କାର୍ଯ୍ୟରତ ଏସ୍‌ଡିଓ ପ୍ରଦୀପ କୁମାର ଦାସ ସୋର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ୨ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିଛନ୍ତି।

## ଅବକାରୀ ଚଢ଼ାଉ: ୫ ଗିରଫ

ସୋର, ୩୦।୪(ଜନ୍ମେଜୟ ମିଶ୍ର): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀମଦ, ଜିଞ୍ଜର ସହିତ ସ୍କୁଟି ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ନୀଳଗିରି ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ସୋର ବସ୍‌ଷ୍ଟାଣ୍ଡରେ ପାଟ୍ରୋଲିଂ କରୁଥିବା ବେଳେ ବାଲେଶ୍ୱରରୁ ସିମୁଳିଆ ଅଞ୍ଚଳକୁ ଆସୁଥିବା ସ୍କୁଟି(ନଂ.ଓଡି ୦୧ବିଇ ୭୯୭୬)କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସ୍କୁଟିରୁ ୧୨୦ ଲିଟର ଦେଶୀମଦ ଜବତ କରିବା ସହ କଣ୍ଟାବଣିଆ ଅଞ୍ଚଳର ତପନ ଦାସଙ୍କୁ ଗିରଫ କରିଥିଲେ। ସେହିପରି ଏହି ଟିମ୍ ଅନନ୍ତପୁର ଥାନା ଟେଣ୍ଟେଇ ଗ୍ରାମରେ ଚଢ଼ାଉ କରି କନକ ମଳିକଙ୍କ ନିକଟରୁ ୯. ୪ ଲିଟର ଜିଞ୍ଜର, ସୀତା ମଳିକଙ୍କ ନିକଟରୁ ୭. ୨ ଲିଟର ଜିଞ୍ଜର, ସୁରତ ମଳିକଙ୍କ ନିକଟରୁ ୧୫ ଲିଟର ଦେଶୀମଦ ଓ ମଇନ ମଳିକଙ୍କ ନିକଟରୁ ୩୫ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଉକ୍ତ ଚଢ଼ାଉରେ ସହ ଉପନିରୀକ୍ଷକ ବସନ୍ତ କୁମାର ବାରିକ, କ୍ଷୀରୋଦ କୁମାର ସାହୁ ଓ ଦୀପିକା ପରିଡ଼ା ପ୍ରମୁଖ ସାମିଲ ଥିଲେ। ଏନେଇ ସୋର ଆଦର୍ଶ ଅବକାରୀ ଥାନା ପକ୍ଷରୁ ୫ଟି ମାମଲା ରୁଜୁ କରାଯାଇଛି।

# ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଖେଳପଡ଼ିଆ ପୁନରୁଦ୍ଧାର ପ୍ରକଳ୍ପ ଉଦ୍‌ଘାଟିତ

ବାଲିଆପାଳ, ୩୦।୪(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ଅଧୀନ ନୂଆଗାଁସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଖେଳପଡ଼ିଆର ପୁନରୁଦ୍ଧାର ପ୍ରକଳ୍ପ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଦେଭୋଗ ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବସ୍ତା ବିଧାୟିକା ସୁବାସିନୀ ଜେନା ଉଦ୍‌ଘାଟକ ଭାବେ ଯୋଗଦେଇ ଖେଳ ପଡ଼ିଆର ପୁନରୁଦ୍ଧାର ପ୍ରକଳ୍ପକୁ ଉଦଘାଟନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଶୁଭ ଚିନ୍ତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୌରାଙ୍ଗ ରାଉତ, ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ, ଦେଭୋଗ ସମିତି ସଦସ୍ୟ ପ୍ରତିନିଧି ଧନଞ୍ଜୟ ଗିରି, ଯୁବନେତା ଦୁର୍ଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

## ଇଟାଭାଟିରୁ ୨ ମାସର ଶିଶୁପୁତ୍ର ଚୋରି ଘଟଣା: ଟେର୍ ପାଉନି ପୋଲିସ

ସୋର, ୩୦।୪(ଜନ୍ମେଜୟ ମିଶ୍ର): ଇଟାଭାଟିରେ କାମ କରୁଥିବା ଜଣେ ଶ୍ରମିକଙ୍କ ଦୁଇମାସର ଶିଶୁପୁତ୍ର ବୁଧବାର ମଧ୍ୟାହ୍ନରେ ଚୋରି ହୋଇଥିବା ଘଟଣାରେ ସୋର ପୋଲିସ ଅଦ୍ୟାବିଧି କୌଣସି ସନ୍ଧାନ ପାଇପାରିନାହିଁ। ସୋର ଥାନା ଚମ୍ପୁ ଛକ ନିକଟରେ ଥିବା ଏକ ସିମେଣ୍ଟ ଇଟାଭାଟିରେ ବାଲେଶ୍ୱର ରେମୁଣା ଅଂଚଳର ଜଣେ ମହିଳା ଶ୍ରମିକ ଭାବେ କାମ କରନ୍ତି। ବୁଧବର ମଧ୍ୟାହ୍ନରେ ତାଙ୍କ ଦୁଇ ମାସର ଶିଶୁପୁତ୍ରକୁ ଝୁଲଣାରେ ଶୁଆଇ କାମ କରିବାକୁ ଯାଇଥିବା ବେଳେ ସେଠାରୁ ଫେରି ଶିଶୁ ପୁତ୍ରକୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଶିଶୁପୁତ୍ରର କୌଣସି ସନ୍ଧାନ ନ ପାଇ ସୋର ଥାନାରେ ବୁଧବାର ରାତିରେ ଅଭିଯୋଗ କରିଥିଲେ। ସୋର ଥାନାଧିକାରୀ ମୁକୁନ୍ଦମୁରାରୀ ପାତ୍ର ୨ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ପାଠ ଲେଖା ହେବା ପର୍ଯ୍ୟନ୍ତ ଶିଶୁ ପୁତ୍ରର କୌଣସି ଟେର ପାଇ ପାରି ନ ଥିବା ଜଣାପଡ଼ିଛି।

# ‘ଛାତ୍ରୀଛାତ୍ର ନିଜର ପରିଚୟ ନିଜେ ସୃଷ୍ଟି କରନ୍ତୁ’

## ସାଇ ଦୁଃଖୀ ଶଙ୍ଖାଳି ଉଚ୍ଚ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

ସିମୁଳିଆ, ୩୦।୪(ସନ୍ତୋଷ କୁମାର ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବରିହାର ‘ସାଇଦୁଃଖି ଶଙ୍ଖାଳୀ ଉଚ୍ଚ ବିଦ୍ୟାଳୟ’ ପରିସରରେ କ୍ରୀଡ଼ାଶିକ୍ଷକ ବ୍ରଜମୋହନ ଦାଶ ଓ ଅଫିସ ସହାୟକ କୈଳାସ ଚନ୍ଦ୍ର ନାୟକଙ୍କ ଉଦ୍ଦେଶ୍ୟରେ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରାକାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ରୂପେ ଅଣ୍ଡରାଇ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା କବି ସୂର୍ଯ୍ୟମଣୀ ବୋଇତି ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ନିଜର ପରିଚୟ ନିଜେ ସୃଷ୍ଟିକର ବୋଲି କହିଥିଲେ। ସେହିପରି ଅବସରପ୍ରାପ୍ତ ଶିକ୍ଷକ ବ୍ରଜମୋହନ ଶୃଙ୍ଖଳିତ ସୈନିକର ପରାଜୟ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ରୂପେ ସମିତିସଭ୍ୟ ଗଜେନ୍ଦ୍ର ସେଠୀ, ଓଷ୍ଟା ବ୍ଲକ ସଭାପତି ଶିକ୍ଷକ ଭଗବାନ ବାରିକ, ସମ୍ପାଦକ ଉତ୍ତମ କୁମାର ଲେଙ୍କା, ସାମାଜିକ କର୍ମୀ ନୟନା ମଳିକ, ଶାନ୍ତିଲତା ଦାସ, ସିଆରସିସି ରବୀନ୍ଦ୍ର ବେହେରା, ରଘୁନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାକ୍ତନ ଓଷ୍ଟା ସଭାପତି କମଳାକାନ୍ତ ପତି ଏହି ବିଦ୍ୟାଳୟକୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତୀ ଦାନ କରିଥିଲେ। ଏହି ବିଦ୍ୟାଳୟକୁ ପ୍ରତ୍ୟେକ ଦିନ ଆସୁଥିବା ଛାତ୍ରୀ ଅଲିଭା ଶିଅଳ, ଚନ୍ଦ୍ରଶିଖା ମଲିକ ଓ ଆକାଂକ୍ଷା ମହାକୁଡଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ, ଛାତ୍ରୀଛାତ୍ର ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଓ ଅଫିସ ସହାୟକଙ୍କୁ ଉତ୍ତରୀୟ, ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅତିଥି ପରିଚୟ ଓ ବିଜ୍ଞାନ ଶିକ୍ଷକ ଦିଲୀପ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଅବସରପ୍ରାପ୍ତ ଶିକ୍ଷକ ଓ ସହାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

# ଶ୍ରୀକାନ୍ତ ନାଏକଙ୍କ ପରିବାରକୁ ଏସ୍‌କେଏଫସିର ସହାୟତା



ସ୍ୱର୍ଗତ ଶ୍ରୀକାନ୍ତ ନାଏକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଔପଦା, ୩୦।୪(ଧରିତ୍ରୀ ପଣ୍ଡା)

## ବିଧାୟକଙ୍କ ସହଯୋଗରେ ଦିଆଗଲା ଆର୍ଥିକ ରାଶି

ବିଚାରାଧୀନ କଏଦୀ ସ୍ୱର୍ଗତ ଶ୍ରୀକାନ୍ତ ନାଏକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ସହାୟତାର ହାତ ବଢ଼ାଇଛି ସାମାଜିକ ଅନୁଷ୍ଠାନ ଏସ୍‌କେଏଫ୍‌ସି। ସ୍ୱର୍ଗତ ନାଏକଙ୍କ ଅକାଳ ବିୟୋଗ ପରେ ତାଙ୍କ ପରିବାର ଏବେ ଆର୍ଥିକ ଅନାଟନ ମଧ୍ୟରେ କାଳାତିପାତ କରୁଛନ୍ତି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସେମାନଙ୍କୁ ସାହାରା ଦେବା ପାଇଁ ଏସକେଏଫସି ଆଗେଇ ଆସିଛି। ବିଧାୟକ ସନ୍ତୋଷ ଖଟୁଆଙ୍କ ସହଯୋଗରେ ସଂସ୍ଥା ପକ୍ଷରୁ ନାଏକଙ୍କ ପରିବାରକୁ ୧୦ହଜାର ୧ଶହ ଟଙ୍କାର ସହାୟତା ଦିଆଯାଇଛି। ଏହା ସହିତ ପରିବାର ପାଇଁ ଆବଶ୍ୟକ ବସ୍ତ୍ର ମଧ ପ୍ରଦାନ କରାଯାଇଛି। ମୃତକଙ୍କ ସ୍ତ୍ରୀ ଜୟନ୍ତୀ ନାଏକ ତାଙ୍କ ବୃଦ୍ଧା ମା'ଙ୍କ ସହିତ ନାବାଳକ ପୁତ୍ରକୁ ନେଇ ଏବେ ବଞ୍ଚିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି। ସେମାନଙ୍କର ଅସହାୟତାକୁ ଦୃଷ୍ଟିରେ ରଖି ସଂସ୍ଥାର ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି। ସହାୟତା ପ୍ରଦାନ ବେଳେ ସଂସ୍ଥାର କର୍ମକର୍ତ୍ତା ତଥା ବ୍ଲକ ଅଧ୍ୟକ୍ଷା ବିସିବିସ୍ମା ପାତ୍ର, ଅଶୋକ ପ୍ରଧାନ, ଅଭିମନ୍ୟୁ ପଣ୍ଡା, ଅଭିମନ୍ୟୁ ବେହେରା, ସୁଧାଂଶୁ ପଟ୍ଟନାୟକ, ସୁଧାଂଶୁ ଯେନା, ସୁଶାନ୍ତ ରାଉତ, କ୍ଷୀରୋଦ କୁମାର ପାତ୍ର ଓ ସଦସ୍ୟମାନେ ଉପସ୍ଥିତ ରହି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ସହକାରୀ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବାଲେଶ୍ୱର, ୩୦।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ସହରର ଗୋପାଳଗାଁ ସ୍ଥିତ ସାବିତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଅମିତା ଦାଶଙ୍କୁ ଗୁରୁବାର ବିଦ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବନଲତା ପ୍ରଧାନ ପୌରୋହିତ୍ୟ କରିଥିଲେ। ସିଆରସିସି ସରିତା ଦ୍ୱିବେଦୀ, ଶିକ୍ଷକ ସଂଘ ନେତା ଅରୁଣ କୁମାର ପାତ୍ର, ଏସଏମ୍‌ସି ସଭାପତି ସରସ୍ୱତୀ ମହନ୍ତ, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଦସ୍ୟ ପ୍ରଶାନ୍ତ କୁମାର ମହାନ୍ତି, ହସିନା ବିବି, ଅଜିତ କୁମାର ମହାନ୍ତି, ଦୁଷ୍ମନ୍ତ ଦାସ, ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷୟତ୍ରୀ ପଙ୍କଜିନୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଜେନା, ସନ୍ଧ୍ୟାରାଣୀ ନାୟକ, ପ୍ରାଚୀପ୍ରଭା ପଣ୍ଡା, ମଞ୍ଜୁଶ୍ରୀ ପଢିଆରୀ, ଫରିଦା ଖାତୁନ, ଲକ୍ଷ୍ମୀପ୍ରିୟା ସାମଲ, ସ୍ୱର୍ଣ୍ଣଲତା କର ଓ ଶିକ୍ଷୟିତ୍ରୀ ତୃପ୍ତିଲତା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଶିକ୍ଷକ ଓ ଅନ୍ୟ ଅତିଥିମାନେ।

## ମନ୍ଦିର ପ୍ରତିଷ୍ଠାତାଙ୍କ ପରଲୋକ



ଖଇରା, ୩୦।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଝିଙ୍କିରିଆ ଗ୍ରାମର ଶୈବପୀଠର ପ୍ରତିଷ୍ଠାତା ତଥା ଶତାୟୁ ପୁରୁଷ ଗୋବିନ୍ଦ ଚନ୍ଦ୍ର ରାଉତ(୧୦୫) ୨୭ତାରିଖରେ ଆଖି ବୁଜିଛନ୍ତି। ରାଉତ କେବଳ ଜଣେ ଧର୍ମପରାୟଣା ବ୍ୟକ୍ତି ନ ଥିଲେ ବହୁ ସମୟରେ ଅସହାୟ ଏବଂ ଦୀନଜନଙ୍କୁ ନିଜ ସଞ୍ଚିତ ଅର୍ଥରୁ ସାହାଯ୍ୟ କରି ନିଜର ପରୋପକାରୀ ଗୁଣର ପରିଚୟ ଦେଇଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ଆଖପାଖ ଗ୍ରାମରୁ ବହୁ ଅଧିବାସୀ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

# ୬,୩୦୦ରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କ ଶୂନ ୟୁନିଟ୍ ବିଲିଂ

## ଜନାଦୃତ ହୋଇଛି ପିଏମ୍ ସୂର୍ଯ୍ୟଘର ଯୋଜନା, ୟୁଏଲ୍‌ଏ ମଡେଲ

ବାଲେଶ୍ୱର, ୩୦।୪ (ବାଞ୍ଛାନିଧି ଦେ)

ସୁଫଳ ଆଣିଛି ପିଏମ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନା। ସରକାରଙ୍କ ଏହି ଯୋଜନାରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରି ଉପଭୋକ୍ତମାନେ ନିଜର ବିଜୁଳି ବିଲ୍ ଆଶାତୀତ ହ୍ରାସ କରିବାରେ ସଫଳ ହୋଇଥିବା ଦେଖିବାକୁ ମିଳିଛି। ବିଶେଷକରି ଅନେକ ବିଜୁଳି ଉପଭୋକ୍ତାଙ୍କ ଘରର ବିଦ୍ୟୁତ୍ ବ୍ୟବହାର ପାଇଁ ଶୂନ ୟୁନିଟ ବିଲିଂ ଆସିବା ଚର୍ଚ୍ଚାର ବିଷୟ ପାଲଟିଛି। ସାଧାରଣତଃ ଗ୍ରୀଷ୍ମରେ ଉପଭୋକ୍ତାମାନେ ବିଜୁଳି ବିଲ୍‌କୁ ନେଇ ଅଧିକ ଚିନ୍ତା ପ୍ରକଟ କରୁଥିଲେ ହେଁ ଏବେ ଏହି ଯୋଜନା ସେମାନଙ୍କ ପାଇଁ ବରଦାନ ସାଜିଛି। ଟାଟାପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନଓଡିଏଲ୍) ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନାର ୟୁଟିଲିଟି ଲେଡ ଏଗ୍ରିଗେଶନ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସ୍ଥାପନକୁ ଆହୁରି ତ୍ୱରାନ୍ୱିତ କରିଛି। ସଂସ୍ଥା ପକ୍ଷରୁ



ଛାତ ଉପରେ ସ୍ଥାପନ ହୋଇଥିବା ସୋଲାର ପ୍ୟାନେଲ।

୧ କିଲୋୱାଟ୍ ବିଦ୍ୟୁତ୍ ସଂଯୁକ୍ତ ଘରୋଇ ଉପଭୋକ୍ତାଙ୍କୁ ମାତ୍ର ୫୬୨୨ ଟଙ୍କାରେ ଉଚ୍ଚ ଗୁଣମାନ ଓ ସୁରକ୍ଷିତ ସୌର ପ୍ୟାନେଲ ସ୍ଥାପନା କରାଯାଉଛି। ଏହି କ୍ରମରେ ଏଯାବତ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ୧୦,୫୦୭ ଜଣ ଉପଭୋକ୍ତା ନିଜ ଘର ଛାତରେ ୧ କିଲୋୱାଟର ସୌରତନ୍ତ୍ର ସ୍ଥାପନ କରିଛନ୍ତି। ସେହିପରି ପିଏମ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନା ଅଧୀନରେ ମଧ ୫ଟି ଜିଲାରେ ୧୧,୫୦୦ରୁ ଅଧିକ ଉପଭୋକ୍ତା ୧ରୁ ୩କିଲୋୱାଟ ପର୍ଯ୍ୟନ୍ତ ସୌର ପ୍ୟାନେଲ ସ୍ଥାପନ କରି ଲାଭବାନ ହୋଇଛନ୍ତି। ସୂଚନା ମୁତାବକ ପିଏମ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନା ଏବଂ ୟୁଏଲ୍‌ଏ ମଡେଲରେ ବାଲେଶ୍ୱର ଜିଲାରେ ଏଯାବତ ୮,୧୨୭ ଜଣ ଉପଭୋକ୍ତା ଘର ଛାତରେ ସୌର ପ୍ୟାନେଲ ସ୍ଥାପନ କରିଥିବାବେଳେ ଭଦ୍ରକରେ ୨୭୫୧, ଯାଜପୁରରେ ୩୫୭୩, କେନ୍ଦୁଝରରେ ୨୯୦୦ ଓ ମୟୂରଭଞ୍ଜରେ ୪୭୭୬ଜଣ ଉପଭୋକ୍ତା ସୌର ପ୍ୟାନେଲ ସ୍ଥାପନ କରିଛନ୍ତି। ଏହିପରି ଉତ୍ତର ଓଡ଼ିଶାରେ ଉପଭୋକ୍ତାମାନେ ଏହି ଯୋଜନାରେ ଏଯାଏ ସର୍ବମୋଟ ୪୭ ମେଗାୱାଟର ରୁଫ୍‌ଟପ ସୋଲାର ସ୍ଥାପନ କରିଛନ୍ତି।

ଗତ ମାସରେ ପ୍ରାୟ ୬,୩୦୨ ଉପଭୋକ୍ତାଙ୍କ ଘରେ ମାସିକ ଶୂନ ୟୁନିଟ ବିଦ୍ୟୁତ ବିଲ୍ ଆସିଛି। ଏହା ସହ ଅର୍ଦ୍ଧାଧିକ ଉପଭୋକ୍ତାଙ୍କ ବିଲିଂରେ ମଧ ଆଶାତୀତ ହ୍ରାସ ଘଟିଛି। ଏହି ଯୋଜନା ବିଷୟରେ ଟିପିଏନଓଡିଏଲ ପକ୍ଷରୁ ବହୁବିଧ ଜନ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଅଧିକ ଜାଣିବା ପାଇଁ ଉପଭୋକ୍ତାଙ୍କୁ ନିକଟସ୍ଥ ଟିପିଏନଓଡିଏଲ କାର୍ଯ୍ୟାଳୟ ଅଥବା ଦେୟମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ କିମ୍ବା ୧୯୧୨ରେ ଯୋଗାଯୋଗ କରିବା ପାଇଁ ସଂସ୍ଥା ପକ୍ଷରୁ ଦର୍ଶାଯାଇଛି।

# ପାଣିଟାଙ୍କି ନିକଟରୁ ଯୁବକଙ୍କ ମୃତଦେହ ଜବତ

ପାଟଣା,୩୦।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଉପାନ୍ତ ଅଞ୍ଚଳ ଜାମୁଳେଇବେଡ଼ା ଓ ପିଛୁଲା ବେଡ଼ା ରାସ୍ତା ବେଙ୍ଗେଇ ହୁଡି ନିକଟ ପାଣିଟାଙ୍କୀ ନିକଟରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ଜଣକ ଜାମୁଳେଇବେଡ଼ା ଗ୍ରାମର କବିଚନ୍ଦ୍ର ନାୟକଙ୍କ ପୁଅ ହୃଷୀକେଶ (୩୫)। ସେ ବୁଧବାର ସାଇକେଲରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ଗୁରୁବାର ସକାଳୁ ପାଣିଟାଙ୍କୀ ତଳେ ମୃତଦେହ ପଡ଼ିଥିବା ଲୋକେ ଦେଖି ଘଟଗାଁ ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦୁର୍ଘଟଣା ଘଟାଇଥିବା ଗାଡ଼ି ଖୋଜୁଛି।

# ଶ୍ରମିକ ଦିବସରେ କଳାବ୍ୟାଜ ପରିଧାନ ଚେତାବନୀ

## କେନ୍ଦୁପତ୍ର ଦର ଧାର୍ଯ୍ୟ, ବୋନସ, ମଜୁରିକୁ ନେଇ ତୋଳାଳି ଅଶାନ୍ତି

କେନ୍ଦୁଝର,୩୦।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁପତ୍ର ସଂଗ୍ରହ ଚାଲିଛି, କିନ୍ତୁ କେନ୍ଦୁପତ୍ର ଦର ଧାର୍ଯ୍ୟ ହୋଇନି। ବୋନସ ଓ ମାସିକ ମଜୁରି ମଧ୍ୟ ଘୋଷଣା ହୋଇନି। ଏହାର ପ୍ରତିବାଦରେ ମେ ୧ ଆନ୍ତର୍ଜାତିକ ଶ୍ରମିକ ଦିବସରେ ତୋଳାଳି ଓ ଶ୍ରମିକଙ୍କ କଳାବ୍ୟାଜ ପରିଧାନ କରିବାକୁ ଚେତାବାନୀ ଦେଇଛନ୍ତି। ଏଥିସହ ୨ ତାରିଖରେ ରାଜ୍ୟର ୨୦୦୦ ପଞ୍ଚାୟତରେ ୬ଲକ୍ଷ ତୋଳାଳି ଓ କର୍ମଚାରୀଙ୍କୁ ନେଇ ଗଣଧାରଣା ଦିଆଯିବ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ଓଡ଼ିଶା କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ସଂଘ ପକ୍ଷରୁ ଦର୍ଶାଯାଇଛି। କେନ୍ଦୁଝରର ୧୦୧ଟି ପଞ୍ଚାୟତରେ ଅନେକ ହଜାର ତୋଳାଳି କର୍ମଚାରୀ ଧାରଣା ବିକ୍ଷୋଭରେ ସାମିଲ ହେବେ ବୋଲି କେନ୍ଦୁଝର ଡିଭିଜନ ସମ୍ପାଦକ ସଞ୍ଜୟ ଚୌଧୁରୀ ପ୍ରକାଶ କରିଛନ୍ତି।

ଏହି ପ୍ରସଙ୍ଗରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ ମହାନ୍ତି କହିଛନ୍ତି, ରାଜ୍ୟରେ କେନ୍ଦୁପତ୍ର ଉତ୍ପାଦିତ ୧୯ଟି ଡିଭିଜନରେ ଏପ୍ରିଲ ୧୦ ତାରିଖରୁ କେନ୍ଦୁପତ୍ର ସଂଗ୍ରହ ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା କେନ୍ଦୁପତ୍ର କେରି ପ୍ରତି ଦର ଓ ବୋନସ ଘୋଷଣା କରି ନାହାନ୍ତି। ସେହିପରି ସର୍ବନିମ୍ନ ମଜୁରୀ ୨୦୨୪ ଜୁଲାଇ ୧୮ ରୁ ସରକାର ଘୋଷଣା ଅନୁଯାୟୀ ପ୍ରାୟ ୨ ବର୍ଷ ହେବ ସେମାନଙ୍କ ମାସିକ ମଜୁରି ମଧ୍ୟ ନିର୍ଦ୍ଧାରିତ ହୋଇ ପାରିଲାନାହିଁ। ବନ୍ଧେଇ ଶ୍ରମିକଙ୍କ ମଧ୍ୟ ବଣ୍ଡଲ ପ୍ରତି ଦର ବୃଦ୍ଧି ହୋଇନାହିଁ। ମୃତ୍ୟୁକାଳୀନ ଆର୍ଥିକ ସହାୟତାର ବୃଦ୍ଧି ହେଉନାହିଁ। ଏହି ସବୁ ଘୋଷଣା ସାଧାରଣତଃ ପୂର୍ବରୁ ଫେବୃଆରୀ କିମ୍ବା ମାର୍ଚ୍ଚ ମାସରେ ଘୋଷଣା ହୋଇଥାଏ। ଆର୍ଥିକ ସହାୟତା ମଧ୍ୟ ମିଳିଥାଏ ବର୍ତ୍ତମାନର ସରକାରକେନ୍ଦୁପତ୍ର କେରି ପ୍ରତି ଦର ୨ ଟଙ୍କା ଏବଂ ବୋନସ ବୃଦ୍ଧିର ମଧ୍ୟ ଘୋଷଣା କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଏହି ସବୁ ଘୋଷଣା କଲେନାହିଁ। ଏପରିକି ଗତ ୨ ମାସ ତଳେ କେନ୍ଦୁପତ୍ର ଗୋଛା କଟାଳି ଶ୍ରମିକଙ୍କ ମଧ୍ୟ ମଜୁରି ମିଳିନାହିଁ। ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ, ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ବାରମ୍ବାର ଆଲୋଚନା ହୋଇଛି। ପର୍ଯ୍ୟାୟ କ୍ରମେ ଆନ୍ଦୋଳନ ମଧ୍ୟ ହୋଇଛି। ଅନେକ ହଜାର ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଛି। ତଥାପି ଦାବି ପୂରଣ ହେଲାନାହିଁ। ଶ୍ରମିକ ଦିନରେ ଧାରଣା ଓ ଆନ୍ଦୋଳନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଲକ୍ଷ ଦସ୍ତଖତ ସମ୍ବଳିତ ଚରମ ସ୍ମାରଣପତ୍ର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଜରିଆରେ ପଠେଇବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଥିବା ସଂଘର ସଂଗଠନ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ପ୍ରକାଶ କରିଛନ୍ତି।

# ସିଭିଲ ଜଜ୍ କୋର୍ଟ ପରିସରରେ ଆଇନ ସଚେତନତା



ଆଇନ୍ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଉପସ୍ଥିତ ଆଇନଜୀବୀ।

ବଡ଼ବିଲ,୩୦।୪ (ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ସିଭିଲ ଜଜ୍ କୋର୍ଟ କମ୍ପ୍ଲେକ୍ସରେ ଗୁରୁବାର ପୂର୍ବାହ୍ନରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତାଲୁକ ଆଇନସେବା ସମିତି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜେଏମ୍ଏଫ୍ସି ପ୍ରଥମ ତଥା ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ସହ ସମ୍ମାନିତ ଅତିଥିଭାବେ ଜେଏମ୍ଏଫ୍ସି ଦ୍ୱିତୀୟ ମଧୁସ୍ମିତା ନାୟକ ଯୋଗଦେଇଥିଲେ। ମୁଖ୍ୟତଃ କର୍ମସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିବାରଣ, ନିଷେଧ ଏବଂ ପ୍ରତିକାର ଆଇନ, ଏସ୍ସି ଓ ଏସ୍ଟି ଅଥବା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଆଇନ ୧୯୮୯ ଦ୍ୱାରା ଜାତିଭିତ୍ତିକ ହିଂସା, ଅପମାନ ଏବଂ ଅର୍ଥିକ ଶୋଷଣରୁ ସମ୍ପ୍ରଦାୟକୁ ସୁରକ୍ଷା ଦେଇଥାଏ। ସେହିପରି ସୁପ୍ରିମକୋର୍ଟଙ୍କ ଏକ ବିଚାରକୁ ନେଇ ଅତିଥିମାନେ ବିଷଦ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀଙ୍କ ମଧ୍ୟରେ ବାର ଆସୋସିଏଶନର ସଭାପତି ବଳରାମ ମହାନ୍ତି, ବରିଷ୍ଠ ଆଇନଜୀବୀ ବିଭୂତି ଭୂଷଣ ଷଡ଼ଙ୍ଗୀ ଆଇନଗୁଡ଼ିକର କାର୍ଯ୍ୟଧାର ଓ ବିଭିନ୍ନ ଦଣ୍ଡ ବ୍ୟବସ୍ଥା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନେକ ଆଇନଜୀବୀ, କୋର୍ଟ କର୍ମଚାରୀ, ସେବା ସମିତିର କର୍ମଚାରୀ ଏବଂ ପାରା ଲିଗାଲ ଭଲ୍ୟୁଣ୍ଟିୟରମାନେ ଯୋଗଦେଇଥିଲେ।

# ଜିଲା ଶିକ୍ଷା, ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

କେନ୍ଦୁଝର,୩୦।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ 'ତରଙ୍ଗିଣୀ' ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା କଲ୍ୟାଣୀ ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଇଂଲିଶ ପ୍ରଫେସର ଡ. ଅନିଲ ଦାଶ ଯୋଗଦେଇ ପ୍ରକୃତ ଶିକ୍ଷକ ସଦା ନିଜ ଭିତରେ ସୃଜନଶୀଳତାକୁ ବିକଶିତ କରି ଜ୍ଞାନର ଆଲୋକରେ ସମାଜକୁ ପ୍ରସାରିତ କରନ୍ତି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ସୁଧାଦାଶ ସାହିତ୍ୟ ଅଧ୍ୟୟନର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦୁଝର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ରୁଦ୍ରନାରାୟଣ ସାମଲ ଓ ସତ୍ୟନାରାୟଣ ମହାନ୍ତ, ଶିଶୁ ସାହିତ୍ୟିକ ବୈଲୋଚନ ସାହୁ, ସାହିତ୍ୟ ସଂସ୍କୃତି ଗବେଷକ ନିରଞ୍ଜନ ବାରିକ, ଅବସରପ୍ରାପ୍ତ ସଂସ୍କୃତ ପ୍ରଫେସର ପ୍ରସନ୍ନ ପତି ପ୍ରମୁଖ ଉପସ୍ଥିତ ଥିଲେ।

ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ଦେବସ୍ମିତା ଚକ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସାହିତ୍ୟ ପତ୍ରିକା ଦିବ୍ୟଧାରା ଏବଂ ସମାଚାର ପତ୍ରିକା 'ଏକାଡେମିକ ଆଲେଜେମି' ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏଥିସହ ସମସ୍ତ ପ୍ରଶିକ୍ଷିକା, ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ୍ ହୋଇଥିଲା। ଶେଷରେ ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ସଞ୍ଜିତ ପ୍ରଧାନ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# 'ସବୁ କ୍ଷେତ୍ରରେ ଅବହେଳା କରାଯାଇଛି'



କଂଗ୍ରେସ ପ୍ରତିନିଧି ଦଳ ଜିତୁ ମୁଣ୍ଡାଙ୍କ ସହ ଆଲୋଚନା କରିବା ସହ ସହାୟତା ପ୍ରଦାନ କରୁଛି।

## ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କକୁ ଯିବା ଘଟଣା

■ ପରିବାରକୁ ୧୦ ଲକ୍ଷ ପ୍ରଦାନ ଦାବିକଲା କଂଗ୍ରେସ

କେନ୍ଦୁଝର/ ପାଟଣା,୩୦।୪
(ନରେଶ ଚନ୍ଦ୍ର ପଟ୍ଟନାୟକ/ ବୀର କିଶୋର ଦାଶ)

ମୃତ ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କକୁ ଟଙ୍କା ଉଠାଇବା ପାଇଁ ଜିତୁ ମୁଣ୍ଡା ଯିବା ଘଟଣା ଏବେ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଛି। କେନ୍ଦୁଝରର ଜଣେ ଆଦିବାସୀ ବ୍ୟକ୍ତି ଜିତୁ ମୁଣ୍ଡା ମୃତ ପ୍ରମାଣପତ୍ର ସ୍ୱରୂପ ଭଉଣୀଙ୍କ କଙ୍କାଳ ଧରି ପାଟଣା ବ୍ଲକ୍ ମଲ୍ଲିପୋଷି ଶାଖା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ଧରି ଆସିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ହଇରାଣ ହୋଇଛନ୍ତି। ଏପରିକି ପୋଲିସ, ସ୍ଥାନୀୟ ପ୍ରଶାସନ ଆଦି ଅବହେଳା କରିଛନ୍ତି। ଆଦିବାସୀଙ୍କୁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଅବହେଳା କରୁଥିବା ଗୁରୁବାର ଜିତୁ ମୁଣ୍ଡାକୁ କଂଗ୍ରେସର ଏକ ଟିମ୍ ଭେଟିବା ଅବସରରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ପ୍ରକାଶ ଯେ, କଂଗ୍ରେସ ଦଳ ପାଟଣା ବ୍ଲକ୍‌ର ଡିଆନାଳୀ ଗ୍ରାମରେ ଜିତୁ ମୁଣ୍ଡାଙ୍କୁ ଭେଟି ଘଟଣା ବିଷୟରେ ଆଲୋଚନା କରିଥିଲା। ପରେ ରାଜସ୍ୱ ବିଭାଗୀୟ କମିଶନର ସଂଗ୍ରାମ କେଶରୀ ମହାପାତ୍ର, କେନ୍ଦୁଝର ଜିଲାପାଳ ବିଶାଳ ସିଂହଙ୍କ ସହିତ ଆଲୋଚନା କରିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ସହିତ ଭେଟି ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଘଟଣାକୁ ମୁଖ୍ୟମନ୍ତ୍ରୀ ଗଭୀର ଭାବେ ତଦନ୍ତ କରନ୍ତୁ ଏବଂ ପରିବାରକୁ ତୁରନ୍ତ ୧୦ ଲକ୍ଷ ଟଙ୍କା ସାହାଯ୍ୟ କରନ୍ତୁ ବୋଲି ଦାବି କରିଥିଲେ। କଂଗ୍ରେସ ଦଳରେ ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ଯଶବନ୍ତ ସିଂ ନାରାୟଣ ଲାଗୁରି, ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, କଂଗ୍ରେସ ନେତା ବିନୋଦ ବିହାରୀ ନାଏକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଦ୍ୟାଧର ଦାଶ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜିଲ୍ଲା କଂଗ୍ରେସ ସେବାଦଳ ଅଧ୍ୟକ୍ଷ ବୀରଭଦ୍ର ମହାନ୍ତ, ଜିଲ୍ଲା କଂଗ୍ରେସ ଉପସଭାପତି ଲଳିତ ମୋହନ ନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଗୌରହରି ନାଏକ, ସୁଢ଼ଳ ସେଠୀ, ବ୍ଲକ୍ ସଭାପତି ଗୋବିନ୍ଦ ମହାନ୍ତ, ସରୋଜ ବଘେଲ ବାବୁ, ପାଟଣା ବିଧାନସଭା ଯୁବ କଂଗ୍ରେସ ସଭାପତି ପରମେଶ୍ୱର ନାଏକ, ଟାଙ୍ଗରପଡ଼ା ସରପଞ୍ଚ ଅନିରୁଦ୍ଧ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ ଦଳ ତରଫରୁ ଜିତୁଙ୍କୁ ୨୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# ପୋଲିସ ହସ୍ତକ୍ଷେପ ପରେ ବଡ଼ପୁଅ ନେଲେ ଦାୟିତ୍ୱ

## ବୃଦ୍ଧା ମା'ଙ୍କୁ ଘରୁ ତଡ଼ିବା ଘଟଣା

ଛେନାପଦୀ/ହାଟଡ଼ିହୀ,୩୦।୪
(ନିରାକାର ପରିଡା/ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶଙ୍ଖଣା ଗ୍ରାମର ସ୍ୱର୍ଗତ ଗୟାଧର ଘଡ଼େଇଙ୍କ ସ୍ତ୍ରୀ ଜଞ୍ଜାଳି ଘଡ଼େଇ (୭୫)ଙ୍କୁ ୨ ପୁଅ ପ୍ରମୋଦ ଓ କ୍ଷୀରୋଦ ପାଳି କରି ରଖୁଥିବା ବେଳେ ବୁଧବାର ସାନପୁଅ ଘରୁ ତଡ଼ିଦେଇଥିଲେ। ସାନପୁଅ କ୍ଷୀରୋଦଙ୍କ ପାଖରୁ ନିର୍ଯାତନା ପାଇ ମା' ନନ୍ଦିପଦା ଥାନାର ଦ୍ୱାରସ୍ଥ ହୋଇଥିଲେ। ସାନପୁଅ ତାଙ୍କୁ ଖାଇବାକୁ ନ ଦେଇ ଧକ୍କା ମାରି ଘରୁ ବାହାର କରିଦେଇଥିବା ନେଇ ପୋଲିସ ପାଖରେ ଜଞ୍ଜାଳି ଅଭିଯୋଗ କରିଥିଲେ। ପୋଲିସ ୨ ପୁଅ ଏବଂ ସାନବୋହୂଙ୍କୁ ଥାନାକୁ ଡକାଇ ଘଟଣା ବାବଦରେ ଅନୁଧ୍ୟାନ କରିଥିଲା। ସାନପୁଅ କ୍ଷୀରୋଦ ମା'ଙ୍କ ଦାୟିତ୍ୱ ନେବାକୁ ମନା କରିଦେଇଥିଲେ। ପୋଲିସ ବୁଝାଶୁଝା ପରେ ବଡ଼ପୁଅ ପ୍ରମୋଦ ମା'ଙ୍କ ଦାୟିତ୍ୱ ନେବାକୁ ରାଜି ହୋଇ ସାଙ୍ଗରେ ଧରି ଘରକୁ ଫେରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା




ମାନପତ୍ର ଦେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପାଟଣା,୩୦।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ଦୀର୍ଘ ୪୨ ବର୍ଷ ଧରି ସେବା ଯୋଗାଇଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଶିବ ଚରଣ ମହାନ୍ତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଇଂଲିଶ ଅଧ୍ୟାପକ ଅଶ୍ୱିନୀ କୁମାର ସାହୁ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ହଳଧର ସାହୁ, ଏନ୍‌ସିସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର ସାହୁ, ଓଡ଼ିଆ ଅଧ୍ୟାପକ ଜଗନ୍ନାଥ ମହାନ୍ତ, ଅଧ୍ୟାପକ ରତ୍ନାକର ମହାକୁର, ବ୍ରଜେନ୍ଦ୍ର ପତି, ଶରତ ଚନ୍ଦ୍ର ମିଶ୍ର, ଅଧ୍ୟାପିକା ସୁସ୍ନାତା ଶୋଭାଲିନ ମହାପାତ୍ର, ଅଧ୍ୟାପିକା ସୁଚିସ୍ମିତା ଦାଶ, ମଦନ ମୋହନ ମହାନ୍ତ, ମୁଖ୍ୟ ବକ୍ତା ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମିଳନୀର ସଭାପତି ନୃସିଂହ ନାଥ ସିଂହ ପ୍ରମୁଖ ଯୋଗଦେଇ ଶିବଚରଣଙ୍କୁ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# ବଜ୍ରପାତରେ ୫ ବଖରା କ୍ଷତିଗ୍ରସ୍ତ

ପାଟଣା,୩୦।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟଙ୍ଗରପଡ଼ା ପଞ୍ଚାୟତ ଅନ୍ତର୍ଗତ ଅଙ୍କୁରା ଝପା ସାହିରେ ବୁଧବାର ବଜ୍ରପାତରେ ୫ ବଖରା ଘର କ୍ଷତିଗ୍ରସ୍ତ ହୋଇଛି। ଅନେକ ଘର ଭାଙ୍ଗି ଯାଇଥିବାବେଳେ ଆସବାବପତ୍ର ପୋଡ଼ିଯାଇଛି। ବୁଧବାର ସନ୍ଧ୍ୟାରେ କାଳ ବୈଶାଖୀ ପ୍ରଭାବରେ ବଜ୍ରପାତ ଘଟି ସାଗର ପାତ୍ରଙ୍କ ୫ ବଖରା ଘର ଛପର ଓ କାନ୍ଥ ଫାଟି ଯାଇଛି। ଆସବପତ୍ର, ବିଦ୍ୟୁତ୍ ମିଟର ସହ ଇଲେକ୍ଟ୍ରିବୋର୍ଡ ପୋଡ଼ିଯାଇଛି। ଆଜବେଷ୍ଟସ ଛପର ଭାଙ୍ଗି ଯାଇଥିବାରୁ ପରିବାର ଅସହାୟ ହୋଇପଡ଼ିଛନ୍ତି।



ଏକ ଘରର ଆଜ୍‌ବେଷ୍ଟସ ଭାଙ୍ଗିଯାଇଛି।

# ଭାଜପା ଆଦିବାସୀ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକଙ୍କ ଇସ୍ତଫା

କେନ୍ଦୁଝର,୩୦।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଜିତୁ ମୁଣ୍ଡାଙ୍କ ଘଟଣାରେ ଭାଜପା ଆଦିବାସୀ ମୋର୍ଚ୍ଚାର ସାଧାରଣ ସମ୍ପାଦକ ମାଙ୍ଗୁରାମ ମୁଣ୍ଡାଙ୍କ ଇସ୍ତଫା ଚର୍ଚ୍ଚାର ବିଷୟ ହୋଇଛି। କେନ୍ଦୁଝର ଜିଲା ବିର୍ସା ମୁଣ୍ଡା ହୋ ସମ୍ପ୍ରଦାୟର କଙ୍କାଳକୁ ମଧ୍ୟ ଟଙ୍କା ଉଠାଣ ନିମନ୍ତେ ପ୍ରମାଣ ମଗାଯାଉଥିବାରୁ ସେ ଲଜ୍ଜିତ ଓ ମର୍ମାହତ। ଏହିକାରଣରୁ ଇସ୍ତଫା ଦେଉଥିବା ଓ ମଞ୍ଜୁର ପ୍ରଦାନ କରିବାକୁ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ଇସ୍ତଫାପତ୍ରକୁ ଜିଲା ଭାଜପା ସଭାପତି ଶୁକଦେବ ମହାନ୍ତଙ୍କୁ ଗତ ୨୮ ତାରିଖରେ ପଠାଇଥିବା ଜଣାପଡ଼ିଛି।

ସେ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି, ୧୮ ବର୍ଷ ବୟସରୁ ବିଶ୍ୱ ହିନ୍ଦୁ ପରିଷଦ, ଆର୍‌ଏସ୍‌ଏସ୍ ଓ ଭାଜପା ସହିତ ଜଡ଼ିତ। ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି। ଏବେ ଜିଲା ଆଦିବାସୀ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଭାବରେ କାମ କରିଆସୁଥିଲେ। କିନ୍ତୁ ଲଜ୍ଜାର ବିଷୟ ପାଟଣା ନିର୍ବାଚନମଣ୍ଡଳୀର ମଲ୍ଲିପୋଷି ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖକୁ ଟଙ୍କା ଉଠାଣ ପାଇଁ ଏକ କଙ୍କାଳକୁ ଆଣିବାକୁ ପଡ଼ିଲା। ସ୍ଥାନୀୟ ବିଧାୟକ ଅଖିଳ ନାଏକ, ଏମ୍ପି ଅନନ୍ତ ନାୟକ କୌଣସି ପଦକ୍ଷେପ ନେଇନାହାନ୍ତି। ସେହିପରି ସମୟରେ ଜିଲାର ବିଧାୟକ ତଥା ଆଦିବାସୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲା ଗସ୍ତରେ ଥିଲେ। ହୋ (ମୁଣ୍ଡା) ସମ୍ପ୍ରଦାୟ ପ୍ରତି ସେମାନଙ୍କ ଘୃଣା, ଅସମ୍ମାନ, ଅଣଦେଖାକୁ ନେଇ ସେ ଇସ୍ତଫା ପ୍ରଦାନ କରିଥିବା ଦର୍ଶାଇଛନ୍ତି। ଏଥିସହ ଆହୁରି କହିଥିଲେ, ନିର୍ବାଚନ ସମୟରେ ସେ ତାଙ୍କ ସମ୍ପ୍ରଦାୟର ଲୋକଙ୍କୁ ଭୋଟ ମାଗିଥିଲେ। ଏବେ ଏହି ଘଟଣାକୁ ନେଇ ତାଙ୍କୁ ଲଜ୍ଜା ଲାଗୁଛି। ଜିଲା ସଭାପତି ସୁକଦେବ ମହାନ୍ତ କହିଛନ୍ତି, ସାମାନ୍ୟ ମତ ପାର୍ଥକ୍ୟକୁ ନେଇ ଏଭଳି ହୋଇଛି। ତାହା ସମାଧାନ କରାଯିବ। ପାଟଣା ବିଧାୟକ ନାୟକ କହିଛନ୍ତି, ସେ ନିଜେ ଯାଇ ଜିତୁ ମୁଣ୍ଡାଙ୍କୁ ସାକ୍ଷାତ କରି ତାଙ୍କର ସୁବିଧା ଅସୁବିଧା ବୁଝିଥିଲେ।

# ଅଦାଲତ ଅବମାନନା ମାମଲାରେ ଅତିରିକ୍ତ ୧ମାସ ପ୍ରଦାନ

## ବର୍ଦ୍ଧିତ ଦରମା ମାଗିବାରୁ କର୍ମଚାରୀଙ୍କୁ ବିଦା ଘଟଣା

କେନ୍ଦୁଝର/ହାଟଡିହୀ/ଛେନାପଦୀ, ୩୦।୪
(ନରେଶ ଚନ୍ଦ୍ର ପଟ୍ଟନାୟକ/ ଶୁଭକାନ୍ତ ନାୟକ/ନିରାକାର ପରିଡା)

କେନ୍ଦୁଝର ଜିଲାପାଳ ତଥା କେନ୍ଦୁଝର ଡିଏମ୍ଏଫ୍ ଅଧ୍ୟକ୍ଷ ବିଶାଳ ସିଂଙ୍କ ନାମରେ ୨୬ ମାର୍ଚ୍ଚ ୨୦୨୬ରେ ହାଇକୋର୍ଟରେ ହୋଇଥିବା ଅଦାଲତ ଅବମାନନା ମାମଲାରେ ପୂର୍ବରୁ ଜାରି ଆଦେଶ ପାଳନ ପାଇଁ ହାଇକୋର୍ଟ ଆଉ ୧ ମାସ ଅତିରିକ୍ତ ସମୟ ପ୍ରଦାନ କରିଛନ୍ତି। ମାମଲାର ତଥ୍ୟ ଓ ପରିସ୍ଥିତିକୁ ବିଚାରକରି ଏବଂ ଉଭୟ ପକ୍ଷଙ୍କ ଓକିଲଙ୍କ ଜବାବର ଶୁଣାଣିକରି ୧୦ ଡିସେମ୍ବର ୨୦୨୫ରେ ପାରିତ ଆଦେଶ ଯଦି ବର୍ଦ୍ଧିତ ୧ ମାସ ମଧ୍ୟରେ ପାଳନ କରା ନ ଯାଏ, ତେବେ ଏହାକୁ ଜାଣିଶୁଣି ଅଦାଲତଙ୍କ ଆଦେଶର ଉଲ୍ଲଂଘନ ବିବେଚନା କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଏ ନେଇ ହାଇକୋର୍ଟଙ୍କ ତରଫରୁ ୨୧ ଏପ୍ରିଲ ୨୦୨୬ରେ ପ୍ରକାଶିତ ଆଦେଶରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ, ବର୍ଦ୍ଧିତ ଦରମା ମାଗିବାରୁ ଡିଏମ୍ଏଫ୍‌ରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ବେନିୟମ ଏବଂ ମୌଖିକ ଭାବେ ଚାକିରିରୁ ବିଦାକରି ଦେଇଥିଲେ। ଏ ନେଇ ହାଇକୋର୍ଟରେ ଏକ ମାମଲା ( ଡବ୍ଲ୍ୟୁପିସି ନଂ.୩୫୧୭୭/୨୦୨୫) ଦାୟର ହୋଇଥିଲା। ୪ ସପ୍ତାହ ମଧ୍ୟରେ ଅଭିଯୋଗର ବିଚାର କରିବାକୁ ହାଇକୋର୍ଟ ୧୦ ଡିସେମ୍ବର ୨୦୨୫ରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଜିଲାପାଳ ଅଭିଯୋଗ ଶୁଣାଣି ପାଇଁ ଚିଠି (ନଂ. ୮୪/୧୩ ଜାନୁୟାରୀ ୨୦୨୬)ରେ ନୋଟିସ ଜାରିକରି ୧୭ ଜାନୁଆରୀ ୨୦୨୬କୁ ଶୁଣାଣି ତାରିଖ ଧାର୍ଯ୍ୟ କରିଥିଲେ। ମାତ୍ର ଶୁଣାଣି ତାରିଖ ପରେ ୨ ମାସରୁ ଅଧିକ ଦିନ ବିତିସାରିଥିଲେ ମଧ୍ୟ ଅଭିଯୋଗ ବିଚାରର ଫଳାଫଳ ପ୍ରକାଶ ପାଇ ନ ଥିଲା। ଫଳରେ ଅଦାଲତ ଅବମାନନା ମାମଲା ଦାୟର ହୋଇଥିଲା। ଅପରପକ୍ଷେ ଚାକିରିରୁ ବିଦାକରିବା ପ୍ରସଙ୍ଗରେ ଦାୟର ହୋଇଥିବା ଅନ୍ୟ ଏକ ମାମଲାର ଶୁଣାଣିକରି ହାଇକୋର୍ଟ ଜିଲାପାଳଙ୍କୁ ଗତ ୨୨ ଏପ୍ରିଲ ୨୦୨୬ରେ ନୋଟିସ ଜାରି କରିଥିଲେ। ଏଥିସହ କର୍ମଚାରୀ ଜଣକ ନିଜର ଚାକିରି କାର୍ଯ୍ୟ ଜାରି ରଖିବା ପାଇଁ ଲିଖିତ ଆବେଦନ କଲେ ଜିଲାପାଳ ତାହା ଆଇନ ଅନୁଯାୟୀ ବିଚାରକରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

## ରାଇସୁଆଁରେ ଅଖଣ୍ଡ ମହିମା ଯଜ୍ଞ

କେନ୍ଦୁଝର,୩୦।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ରାଇସୁଆଁ ପାତ୍ର ସାହିରେ ଅଲେଖ ମହିମାଙ୍କର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ମହିଳା ମଣ୍ଡଳ ଯଜ୍ଞ କମିଟି ରାଇସୁଆଁ ପାତ୍ରସାହି ଆନୁକୂଲ୍ୟରେ ଆୟୋଜିତ ନାମଯଜ୍ଞରେ ମହିମା ଗାଦିର ବାବା ଯଶୋବନ୍ତ ଦାଶ ଏବଂ ସହଯୋଗୀ ବାବାଙ୍କ ଦ୍ୱାରା ବ୍ରହ୍ମ ଧୂନି ସ୍ଥାପନ କରାଯାଇଥିଲା। ଅଖଣ୍ଡ ଯଜ୍ଞରେ ରାଇସୁଆଁ, ବାଂଶପାଳ, ବାଲିପଷି, ପତଳା, କେମ୍ପସଡ଼ା, ଜାଳି, ପାହାଡ଼ପୁର, ରାଇସୁଆଁ ସାହିଦଳ ପ୍ରଭୃତି ଭଜନ ମଣ୍ଡଳୀଗୁଡ଼ିକ ଯୋଗଦେଇଥିଲେ। ଯଜ୍ଞ ଶେଷରେ ସମସ୍ତ କମିଟି ସଦସ୍ୟ ଏବଂ ଅଞ୍ଚଳର ମା' ଭଉଣୀଙ୍କ ଉପସ୍ଥିତିରେ ଚୁଡାଟେକା, ବାଲ୍ୟଲୀଳା ପରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ମହିଳା ମଣ୍ଡଳ ଯଜ୍ଞ କମିଟି ସମସ୍ତ ସଦସ୍ୟା, ଆୟୋଜକ କମିଟିର ଅନ୍ୟାନ୍ୟ ସଦସ୍ୟମାନେ ଯଜ୍ଞ ପରିଚାଳନା କରିଥିବା ବେଳେ କମିଟିର ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

# ୮୦ ବର୍ଷୀୟାଙ୍କୁ ଘରେ ପ୍ରଦାନକଲେ ଅର୍ଥ



ବ୍ୟାଙ୍କ ମ୍ୟାନେଜର କୁନ୍ତିଙ୍କୁ ଅର୍ଥ ପ୍ରଦାନ କରୁଛନ୍ତି।

## ବ୍ୟାଙ୍କ ମ୍ୟାନେଜରଙ୍କ ମହାନତା

ଚମ୍ପୁଆ,୩୦।୪ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ପାଟଣା ଅଞ୍ଚଳର ଜିତୁ ମୁଣ୍ଡାଙ୍କ ଘଟଣା ବର୍ତ୍ତମାନ ସାରା ଓଡ଼ିଶାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ସମୟରେ ଚମ୍ପୁଆ ଷ୍ଟେଟ୍ ବ୍ୟାଙ୍କ ମ୍ୟାନେଜର ଜଣେ ବୃଦ୍ଧାଙ୍କୁ ତାଙ୍କ ଘରେ ପହଞ୍ଚି ଅର୍ଥ ପ୍ରଦାନ କରି ମାନବିକତା ଦେଖାଇଛନ୍ତି। ତାଙ୍କର ଏଭଳି କାମ ପାଇଁ ସବୁଆଡୁ ପ୍ରଶଂସା କରାଯାଉଛି। ସୂଚନା ଅନୁସାରେ, ଚମ୍ପୁଆ ବ୍ଲକ୍ ସୁନାପଶି ଗ୍ରାମର ୮୦ବର୍ଷୀୟ କୁନ୍ତି ମହାନ୍ତଙ୍କ ଚମ୍ପୁଆ ଶାଖା ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ଏକ ଜମାଖାତା ରହିଛି। ବୟସାଧିକ କାରଣରୁ କୁନ୍ତି ନିଜ ଝିଅ ଜମ୍ବୁବତୀକୁ ବ୍ୟାଙ୍କ ଶାଖାରୁ ଅର୍ଥ ଉଠାଇବା ପାଇଁ ପଠାଇଥିଲେ। ମାତ୍ର ଅର୍ଥ ଉଠାଣର ଠିକ୍ ଦସ୍ତାବିଜ ନ ଥିବାରୁ ଜମ୍ବୁବତୀ ବ୍ୟାଙ୍କ ମ୍ୟାନେଜର ଜୟନ୍ତ ବେହେରାଙ୍କୁ ସାକ୍ଷାତ କରି ମା' ଅସହାୟତା ବିଷୟରେ କହିଥିଲେ। ପରେ ମ୍ୟାନେଜର ବେହେରା ବ୍ୟାଙ୍କ କାମ ଛାଡ଼ି ଜମ୍ବୁବତୀଙ୍କ ସହ ତାଙ୍କ ଘରେ ପହଞ୍ଚିଥିଲେ। ସେଠାରେ ବୃଦ୍ଧା କୁନ୍ତି ମହାନ୍ତଙ୍କୁ ଭଲମନ୍ଦ ପଚାରି ବୁଝିବା ସହ ଆବଶ୍ୟକ କାଗଜପତ୍ର ମାଧ୍ୟମରେ ଅର୍ଥ ପ୍ରଦାନ କରିଥିଲେ। ମ୍ୟାନେଜରଙ୍କ ଏତାଦୃଶ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।

**ନଦୀ ସୁରକ୍ଷାକୁ ଅଣଦେଖା**

## ଚିନ୍ତା ବଢ଼ାଉଛି ଗତିପଥ ପରିବର୍ତ୍ତନ

ଉଦଳା ୩୦।୪(ସନ୍ତୋଷ କୁମାର ବାଛିନୀ)

ପ୍ରାକୃତିକ ସବୁଜ ବନାନୀ ଭିତରେ ନଦୀର କୁଳୁ କୁଳୁ ନାଦ ଆଉ ତା'ପାଣିର ସ୍ରୋତ ସମସ୍ତଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ହେଲେ ଆଜି ସେହି ସୁନ୍ଦରତା ଆଉ ନାହିଁ। ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ଦେଇ ପ୍ରବାହିତ ସୋନ, କାଳ, କଣ୍ଟାଳ, ଦେଓ ଏବଂ ସଞ୍ଜ ଭଳି ବଡ଼ ବଡ଼ ନଦୀ ଏବେ ଗତିପଥ ପରିପର୍ତ୍ତନ କରିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଉଦଳା, କପ୍ତିପଦା, ଖୁଣ୍ଟା, ଗୋପବନ୍ଧୁନଗର ବ୍ଲକ୍ ସମେତ ବାଲେଶ୍ୱର ଜିଲାର ନୀଳଗିରି ଏବଂ ଅନ୍ୟ ଅଞ୍ଚଳବାସୀ ଓ ଚାଷୀଙ୍କ ଲାଇଫ ଲାଇନ୍ କୁହାଯାଉଥିବା ଏହି ନଦୀଗୁଡ଼ିକର ସୁରକ୍ଷା ପ୍ରତି ଅଣଦେଖା କରାଯାଉଥିବାରୁ ଆଗାମୀ ଦିନରେ ନଦୀ କେବଳ ଇତିହାସ ହୋଇ ରହିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଶିମିଳିପାଳର ବୁକୁ ଚିରି ବାହାରିଥିବା ଏହି ନଦୀଗୁଡ଼ିକ ଉପରେ ହଜାର ହଜାର ଚାଷୀ ନିର୍ଭର କରିଥାନ୍ତି। ହେଲେ ଏବେ ଶ୍ରୀହୀନ ହୋଇପଡ଼ିଛି ବଡ଼ ବଡ଼ ନଦୀ। ଏକ ନିର୍ଦ୍ଦିଷ୍ଟ ଧାରରେ ଏବଂ ଅଳ୍ପ ପରିସୀମା ଭିତରେ ବୋହି ଯାଉଥିବା ନଦୀ ଗତିପଥ ବଦଳାଉଛି। ଯାହାକୁ ନେଇ ଚାଷୀଠାରୁ ଆରମ୍ଭ କରି ପରିବେଶବିତ ଏବଂ ଗ୍ରାମବାସୀ ସମସ୍ତେ ମର୍ମାହତ। ନଦୀଗୁଡ଼ିକ ଏବେ କେବଳ ଶୁଖିଲା ଭୂଇଁ ପାଲଟିଛି। କେଉଁଠି ନଦୀ ଭିତରେ ଗୋରୁ ଚରୁଛନ୍ତି ତ ଆଉ କେଉଁଠି ନଦୀ ଦିଗ ବଦଳାଇ ଗାଁ ଓ ଚାଷଜମି ଖାଇ ଚାଲିଛି। ନଦୀ ପାର୍ଶ୍ୱ ପଥର ପ୍ୟାକିଂ ହେଉନାହିଁ। ବେଆଇନ ବାଲି ଉଠାଣ ଫଳରେ ନଦୀର ଠାଏ ଠାଏ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଉଛି। ଫଳରେ ନଦୀର ପାଣି ଗୋଟିଏ ଜାଗାରେ ଜମି ରହୁଛି। ଯାହା ସ୍ଥାନୀୟ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇଛି। କେବଳ ସେତିକି ନୁହେଁ ନଦୀ ପଠାରୁ ଗଛ କାଟି ନିଆଯିବା ସହ ନଦୀର ସୁରକ୍ଷା ପ୍ରତି ଅଣଦେଖା କରି ନଦୀ ଧାରରୁ ମାଟି ତାଡ଼ି ନିଆଯାଉଛି। ଏଭଳିସ୍ଥଳେ ପ୍ରଶାସନ ଏବଂ ସାଧାରଣ ଜନତା ସଜାଗ ନ ହେଲେ ଆଉ ନଦୀର ଚିହ୍ନବର୍ଣ୍ଣ ରହିବ ନାହିଁ ବୋଲି ପରିବେଶବିତ


ପୋତି ହୋଇ ପଡ଼ିଥିବା ନଦୀ।

ପ୍ରଦ୍ୟୁମ୍ନ ଦାସ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନଦୀର ସୁରକ୍ଷା ଦିଗରେ ସମସ୍ତେ ସଚେତନ ହେବାର ସମୟ ଆସି ପହଞ୍ଚିଛି ବୋଲି ସେ କହିଛନ୍ତି।

## ପୂର୍ବତନ ଶାଖା ପରିଚାଳକଙ୍କ ସମେତ ୪ ଜଣଙ୍କୁ ୩ ବର୍ଷ ଲେଖାଏ ଜେଲ

**ବାରିପଦା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ଋଣ ଦୁର୍ନୀତି ମାମଲା**

ବାରିପଦା,୩୦।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ରାଇରଙ୍ଗପୁର ଶାଖାରେ ହୋଇଥିବା ବହୁ ଚର୍ଚ୍ଚିତ ଋଣ ଜାଲିଆତି ମାମଲାରେ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଭିଜିଲାନ୍ସ କୋର୍ଟ ପୂର୍ଣ୍ଣିମା ଜେନା ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ଓ ସଭାପତିଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକଙ୍କୁ ୩ବର୍ଷ ଲେଖାଏ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଓ ଅନାଦେୟ ଅତିରିକ୍ତ ୩ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେମାନେ ହେଲେ ରାଇରଙ୍ଗପୁର ଶାଖାର ପୂର୍ବତନ ଶାଖା ପରିଚାଳକ ଆଶୁତୋଷ ମହାନ୍ତି, ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାନ୍ତିଲାଲ ମୁଗ୍ରୀ, ବାରିପଦା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ପୂର୍ବତନ ସଭାପତି କୃପାସିନ୍ଧୁ ମହାନ୍ତ ଓ ରାଇରଙ୍ଗପୁର ଅଞ୍ଚଳର ଋଣଗ୍ରହୀତା ସଲିଲ ଅଗ୍ରୱାଲ। ମାମଲାର ବିବରଣୀ ଅନୁଯାୟୀ, ୨୦୧୨ରେ ହୋଇଥିବା ଏହି ଦୁର୍ନୀତି ମାମଲାରେ ବ୍ୟାଙ୍କ ଅଧିକାରୀମାନେ ଜାଲ କାଗଜପତ୍ର ଆଧାରରେ ପ୍ରାୟ ୧୫,୫୮,୯୨୬ ଟଙ୍କାର ଋଣ ମଞ୍ଜୁର କରି ବ୍ୟାଙ୍କକୁ ଆର୍ଥିକ କ୍ଷତି ପହଞ୍ଚାଇଥିଲେ। ବାଲେଶ୍ୱର ଭିଜିଲାନ୍ସ ଏହି ମାମଲା(ନଂ.୩୪/୨୦୧୨)ର ତଦନ୍ତ କରି କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲା। ରାୟ ପ୍ରକାଶ ପାଇବା ପରେ ଅଭିଯୁକ୍ତମାନଙ୍କ ପକ୍ଷରୁ କରାଯାଇଥିବା ଆବେଦନ ଆଧାରରେ କୋର୍ଟ ସେମାନଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ସରକାରୀ ଓକିଲ ଶାନ୍ତନୁ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

**ସଂକ୍ଷେପରେ**

### ବଜ୍ରପାତରେ ୧୨ ଗୋରୁ ମୃତ

ଉଦଳା,୩୦।୪(ସନ୍ତୋଷ କୁମାର ବାଛିନୀ)- ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଶ୍ରୀଦାମଚନ୍ଦ୍ରପୁର ବଡ଼ଶୋଳ ଗ୍ରାମରେ ଗୁରୁବାର ବଜ୍ରପାତରେ ୧୨ ଗୋରୁଙ୍କ ମୃତ୍ୟୁ ଘଟିଛି। ମଧ୍ୟାହ୍ନ ସମୟରେ ଗ୍ରାମର ୫ ଜଣ ବ୍ୟକ୍ତିଙ୍କ ଉକ୍ତ ଗୋରୁଗୁଡ଼ିକ ନିକଟସ୍ଥ ପଡ଼ିଆରେ ଚରୁଥିଲେ। ଏହି ସମୟରେ ବର୍ଷା ସାଙ୍ଗକୁ ବଜ୍ରପାତ ଯୋଗୁ ୧୨ ଗୋରୁ ମରି ପଡ଼ିଥିଲେ। ଗୋରୁ ମାଲିକମାନଙ୍କୁ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ବାଲି ଚାଲାଣକୁ ବିରୋଧ କରିବାରୁ ଆକ୍ରମଣ ଉଦ୍ୟମ

ମୋରଡ଼ା,୩୦।୪(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ତହସିଲ ଅଞ୍ଚଳରେ ବାଲି ଚାଲାଣ ବୃଦ୍ଧି ପାଇଥିବା ବେଳେ ଚାଲାଣକାରୀଙ୍କ ଦୌରାତ୍ମ୍ୟ ମଧ୍ୟ ବଢ଼ି ଚାଲିଛି। ବାଲିଚାଲାଣକୁ ବିରୋଧ କରିବାରୁ ଚାଲାଣକାରୀମାନେ ସ୍ଥାନୀୟ ଜଣେ ଲୋକଙ୍କୁ ଆକ୍ରମଣ କରିଥିବା ନେଇ ମୋରଡ଼ା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ଥାନା ତଥା ତହସିଲ ଅଧୀନ ଘୋଲମୁହାଁ ନଦୀ ପୋଲ ତଳୁ ଦୈନିକ ବେଆଇନ ଭାବେ ବାଲି ଚୋରି ହେଉଛି। ଏନେଇ ପୂର୍ବରୁ ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଘୋଲମୁହାଁ ଗ୍ରାମର ଅଜୟ କୁମାର ଦାସ ଗୁରୁବାର ସକାଳେ ଏକ ସ୍ଥାନରେ ଗଚ୍ଛିତ ଥିବା ବାଲିରୁ ଟ୍ରାକ୍ଟର ଯୋଗେ ଚାଲାଣ ହେଉଥିବା ଦେଖି ବିରୋଧ କରିଥିଲେ। ଏହାପରେ ଚରଣ ହାଁସଦା, ଜଗମୋହନ ସିଂ, ବୁଧରାମ ସିଂ, ଟେୟ ନାମକ ୪ଜଣ ଯୁବକ ଅଜୟଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଅଜୟ ସେଠାରୁ ଦୌଡ଼ି ପଳାଇ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ଘରେ ଲୁଚିବା ସହ ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଜୟଙ୍କୁ ଉଦ୍ଧାର କରିଥିଲା। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ବାରିପଦା ସେଣ୍ଟ ଆନିସ କନ୍‌ଭେଣ୍ଟ ସ୍କୁଲର ସଫଳତା

**ଆଇସିଏସ୍‌ଇ ଦଶମ ପରୀକ୍ଷା**

ବାରିପଦା,୩୦।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ଆଇସିଏସ୍‌ଇ ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ବାରିପଦାସ୍ଥିତ ସେଣ୍ଟ ଆନିସ କନ୍‌ଭେଣ୍ଟ ସ୍କୁଲର ଛାତ୍ରୀଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ସ୍କୁଲ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଚଳିତ ବର୍ଷ ଏହି ବିଦ୍ୟାଳୟରୁ ମୋଟ ୧୧୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ବିଦ୍ୟାଳୟର ପାସ ହାର ୯୯ % ରହିଛି। ବିଦ୍ୟାଳୟର ମେଧାବୀ ଛାତ୍ର ଜିଶାନ୍ତ ଦେ ୫୦୦ରୁ ୪୯୧ ନମ୍ବର ( ସର୍ବାଧିକ ୯୮.୨ % ନମ୍ବର) ରଖି ସ୍କୁଲ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ବିଦ୍ୟାଳୟର ୨୦ ଜଣ ଛାତ୍ରୀଛାତ୍ର ୯୦% ରୁ ଅଧିକ ନମ୍ବର ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ଅଭୁତପୂର୍ବ ସଫଳତା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମସ୍ତ କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାମାନଙ୍କର ଏହି ପରିଶ୍ରମ ଓ ସଫଳତା ପାଇଁ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ସରିଲା ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା


କାର୍ଯ୍ୟଶାଳାରେ ଉପସ୍ଥିତ ଅତିଥିମାନେ।

ବାରିପଦା,୩୦।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିକ୍ଷା ବିକାଶ ସମିତି ଅଧୀନ ବେତନଟୀ ସଙ୍କୁଳସ୍ତରୀୟ ୩ ଦିନିଆ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ବଡ଼ସାହି ବ୍ଲକ ଅନ୍ତର୍ଗତ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବ୍ଲକର ଅତିରିକ୍ତ ଶିକ୍ଷାଅଧିକାରୀ ଅଭିରାମ ନାୟକ ଯୋଗଦେଇ ଜାତୀୟଶିକ୍ଷା ନୀତି ଆଧାରରେ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ପ୍ରୟାସ ଜାରିରଖିବାକୁ ଗୁରୁମା ଗୁରୁଜୀମାନଙ୍କୁ ପରାମର୍ଶ ଦେଇଥିଲେ। ସଙ୍କୁଳ ପ୍ରମୁଖ ତଥା ଉକ୍ତ କାର୍ଯ୍ୟଶାଳାର ଅଧ୍ୟକ୍ଷ ଶଶଧର ପଣ୍ଡା ପ୍ରଶିକ୍ଷଣର ଉଦ୍ଦେଶ୍ୟ କଥନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବେଲପାଳର ସଭାପତି ନୀଳାଦ୍ରି ବିହାରୀ ଦଣ୍ଡପାଟ ଆଶୀର୍ବଚନ ପ୍ରଦାନ କରିଥିଲେ। ବେତନଟୀ ସଙ୍କୁଳ ଅନ୍ତର୍ଗତ ୭ଟି ଶିଶୁ ବିଦ୍ୟାମନ୍ଦିରରୁ ମୋଟ ୮୯ଜଣ ଗୁରୁମା ଗୁରୁଜୀ ଏହି କାର୍ଯ୍ୟଶାଳାରେ ଅଂଶ ଗ୍ରହଣ କରିଥିଲେ।

ଜାତୀୟ ଶିକ୍ଷା ନୀତିକୁ ଆଧାର କରି ବିଭିନ୍ନସ୍ତରରେ ବିଭିନ୍ନ ବିଷୟ ଅନୁଯାୟୀ ପ୍ରଶିକ୍ଷଣ ଦିଆଯାଇଥିଲା। ଗୁରୁବାର କାର୍ଯ୍ୟକ୍ରମର ସମାରୋପ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଜିଲା ପ୍ରମୁଖ କିରଣ କୁମାର ମହାରଣା ଯୋଗଦେଇ 'ଭାରତ କେନ୍ଦ୍ରିକ ଶିକ୍ଷଣ ଅଧିଗମ' ପ୍ରକ୍ରିୟା ସମ୍ପର୍କରେ ମାର୍ଗଦର୍ଶନ କରାଇଥିଲେ। ବେତନଟୀ ସଙ୍କୁଳର ସଂଯୋଜକ ଲକ୍ଷ୍ମୀଧର ବାରିକ ବୃତ୍ତ କଥନ କରିଥିବା ବେଳେ ବିଦ୍ୟାଳୟର ସମ୍ପାଦକ ପ୍ରଦୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଅଚାର୍ଯ୍ୟା ଶାଶ୍ୱତୀ ଦାସ ମହାପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବ କ୍ଷେତ୍ରର ମନ୍ତ୍ରୀ ଡା. ଲକ୍ଷ୍ମୀକାନ୍ତ ମହାରଣା ଯୋଗଦେଇ ରାଷ୍ଟ୍ର ଭକ୍ତିରେ ଜଡ଼ିତ ଯୁବ ସମାଜ ନିର୍ମାଣ କରିବାରେ ଗୁରୁବା ଗୁରୁଜୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଓ ମାତୃଭାରତୀର ସଦସ୍ୟା ତଥା ବିଦ୍ୟାଳୟର ଉଦ୍ୟୋକ୍ତା, ସମସ୍ତ ଗୁରୁମା ଓ ସେବିକା ସେବକ ପୂର୍ଣ୍ଣ ସହଯୋଗ କରିଥିଲେ।

### ଅଣ ଆବାସିକ ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର

ବାରିପଦା, ୩୦।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ମୟୂରଭଞ୍ଜ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ମେ' ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲାରେ ଅଣ ଆବାସିକ ଗ୍ରୀଷ୍ମକାଳୀନ କ୍ରୀଡ଼ା ଭିତ୍ତିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହା ସକାଳ ୬ଟା୩୦ରୁ ୮ଟା୩୦ ଓ ଅପରାହ୍ନ ୪ଟା୩୦ରୁ ୬ଟା୩୦ ପର୍ଯ୍ୟନ୍ତ ହେବ। ଫୁଟବଲ, ବ୍ୟାଡ୍‌ମିଣ୍ଟନ, ଭାରୋତ୍ତୋଳନ(ୱେଟ ଲିଫ୍ଟିଙ୍ଗ) ଓ ହକିରେ ରୁଚି ରଖୁଥିବା ୮ରୁ ୧୬ ବର୍ଷର ବାଳିକା ଓ ବାଳକମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ଖେଳାଳିମାନେ ଅଫଲାଇନ ମାଧ୍ୟମରେ ଆବେଦନ କରିପାରିବେ। ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଖେଳାଳିମାନଙ୍କୁ ଉପଯୁକ୍ତ ତାଲିମପ୍ରାପ୍ତ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ପ୍ରଦାନ କରିବେ।

### ପୋଖରୀରେ ବୁଡ଼ି ବାଳକ ମୃତ

ରାଇରଙ୍ଗପୁର,୩୦।୪(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବହଳଦା ଥାନା ଅନ୍ତର୍ଗତ ଗମ୍ଭାରିଆ ଗ୍ରାମସ୍ଥିତ ମାମୁ ଘରେ ରହି ପାଠ ପଢୁଥିବା ଜଣେ ବାଳକ ଗୁରୁବାର ପୋଖରୀରେ ଗାଧୋଇବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମୃତ ବାଳକ ଜଣକ ହେଲେ ରାଇରଙ୍ଗପୁର ଟାଉନ ଥାନା ଅଧୀନ ୧୩ନଂ.ୱାର୍ଡ ବଣସାହି ବସ୍ତି ଅଞ୍ଚଳର ଦୀପକ କୁମାର ବିନ୍ଧାଣିଙ୍କ ପୁଅ ରୋହନ ବିନ୍ଧାଣି (୭)। ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୬ ) ରୁଜୁ ହୋଇଛି।

## ଘର ଭିତରେ ପଶିଗଲା କାର୍


ଦୁର୍ଘଟଣାଗ୍ରସ୍ତ କାର୍।

ଉଦଳା,୩୦।୪(ସନ୍ତୋଷ କୁମାର ବାଛିନୀ)

ଉଦଳା ଥାନା ଗୁଡୁଗୁଡ଼ିଆ ଛକ ନିକଟରେ ଗୁରୁବାର ସକାଳ ୭ଟାରେ ଭାରସାମ୍ୟ ହରାଇ ଏକ କାର ଜଣଙ୍କ ଘର ଭିତରେ ପଶି ଯାଇଥିବା ବେଳେ ଦୁର୍ଘଟଣାରୁ ୨ ଜଣ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ, ଉଦଳା ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ଜେନା ତାଙ୍କ କାର୍‌ରେ ରାଡ଼ୋରୁ ଉଦଳା ଅଭିମୁଖେ ଆସୁଥିଲେ। ଗୁଡୁଗୁଡ଼ିଆ ଛକ ନିକଟରେ ଏକ ବାଇକ୍‌ରେ ଆସୁଥିବା ଜଗବନ୍ଧୁ ପରିଡ଼ା ଅଚାନକ ଉକ୍ତ କାର୍ ସାମ୍ନାକୁ ଚାଲି ଆସିଥିଲେ। ଫଳରେ କାର୍ ଚାଳକ କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଇକ୍ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ବାମକୁ କାଟି ଦେଇଥିଲେ। କାର୍‌ରେ ବାଜି ରାସ୍ତା ଉପରେ ଜଗବନ୍ଧୁ ପଡ଼ି ଆହତ ହୋଇଥିଲେ। କାର୍‌ଟି ରାସ୍ତା ତଳକୁ ଖସି ଯିବା ସହ ଭାରସାମ୍ୟ ହରାଇ ସାମ୍ନାରେ ଥିବା ଏକ ଘର ଭିତରେ ପଶି ଯାଇଥିଲା। ସେହି ଘରେ ବସି ଚା' କରୁଥିବା ଶ୍ରୀଧର ଦଲେଇ ଏବଂ ତାଙ୍କ ସାଥୀରେ ରହୁଥିବା ଅନ୍ୟଜଣେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। ଦୁର୍ଘଟଣାରେ ଆହତ ଜଗବନ୍ଧୁଙ୍କୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ ସହିତ ଏନ୍‌ଏସି କାର୍ଯ୍ୟାଳୟର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଘର ଭିତରେ ପଶିଥିବା କାର୍‌ଟିକୁ ବାହାର କରିଥିଲେ।

## ଆଞ୍ଚଳିକ ସମସ୍ୟା ଉପରେ ଗୁରୁତ୍ୱ

**ଆମ ପୋଲିସ ସମିତି ବୈଠକ**

ବେତନଟୀ,୩୦।୪(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଭ୍ୟର୍ଥନା ଗୃହରେ ଗୁରୁବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ କ୍ରିଷ୍ଣା ପିଙ୍ଗୁଆ ଅଧ୍ୟକ୍ଷତା କରିଥିବା ବେଳେ ଏସ୍‌ଆଇ ଭାରତୀ ବେହେରା, ଏଏସ୍‌ଆଇ ପଞ୍ଚାନନ ମହାନ୍ତି ମଞ୍ଚରେ ଉପସ୍ଥିତ ଥିଲେ।

ବୈଠକରେ ବେତନଟୀ ବରିଷ୍ଠ ନାଗରିକ ସଂଘ, ସିଭିଲ ସୋସାଇଟିର ସମସ୍ତ ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି, ସାମାଜିକ କର୍ମୀ ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ଆଞ୍ଚଳିକ ସମସ୍ୟାର ସମାଧାନ ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସମଗ୍ର ବେତନଟୀ ବଜାର ଅଞ୍ଚଳର ଗାଡ଼ିର ଦ୍ରୁତ ଗତି, ଟ୍ରାଫିକ ନିୟନ୍ତ୍ରଣ, ଗାଡ଼ି ଠିଆ ହୋଇ ରହିବା ଯୋଗୁ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ପାଇଁ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ଯୁବ ସଂଗଠକ ଅଜିତ ସାହୁ ବୈଠକରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସେହିଭଳି ବେତନଟୀ ବଜାର ମଧ୍ୟରେ ଅପରାଧ ନିୟନ୍ତ୍ରଣ ପାଇଁ ବିଭିନ୍ନ ଛକରେ ୧୧ଟି ସିସି କ୍ୟାମେରା ଲଗାଇବା ପାଇଁ ବେତନଟୀ ବ୍ଲକ ମିଡିଆ ଆସୋସିଏଶନ ପକ୍ଷରୁ ପ୍ରସ୍ତାବ ରଖା ଯାଇଥିଲା। ଥାନା ଅଧିକାରୀ ପିଙ୍ଗୁଆ ସମସ୍ତ ସମସ୍ୟା ଯଥାଶୀଘ୍ର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବରିଷ୍ଠ ଖବରଦାତା ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ, ଜୟନ୍ତ ପଟ୍ଟନାୟକ, ସଚ୍ଚିଦାନନ୍ଦ ମହାନ୍ତି, ବାସନ୍ତୀ ସାହୁ, ସୁଶାନ୍ତ ବଳା, ରଣଜିତ ସିଂ, ରମାକାନ୍ତ ମହାନ୍ତ, ହରେନ୍ଦ୍ର ନାଥ ବାରିକ, ସଞ୍ଜୟ ସେଠୀ, ବାସୁଦେବ ନାପିତ, ଅନ୍ତର୍ଯ୍ୟାମୀ ମହାପାତ୍ର, ସହଦେବ ଗିରି, କମଳ ଲୋଚନ କରଙ୍କ ସମେତ ବେତନଟୀ ମିଡିଆ ଆସୋସିଏଶନର ସମସ୍ତ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବେତନଟୀ ବ୍ଲକ ମିଡିଆ ଆସୋସିଏଶନ ପକ୍ଷରୁ ଗତ ୨୦୨୫ ଫେବୃଆରୀ ୧୮ରେ ବେତନଟୀ ଅଞ୍ଚଳର ବିଭିନ୍ନ ଛକରେ ସିସି କ୍ୟାମେରା ଲଗାଇବା ପାଇଁ ଉପଖଣ୍ଡ ପୋଲିସ ଅଧିକାରୀ ମିନତୀ ବିଶ୍ୱାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

### ବୈଶିଙ୍ଗା ବଜାରରୁ ଚୋରି

ବୈଶିଙ୍ଗା,୩୦।୪(ରତନ ଦାଶ)- ମୟୂରଭଞ୍ଜ ଜିଲାର ବୈଶିଙ୍ଗା ବଜାର ଶିରିଡି ସାଇ ମନ୍ଦିର ଛକ ନିକଟରେ ଥିବା ଶ୍ରୀଧର ଦାସଙ୍କ ପାନ ଦୋକାନରୁ ରାତିରେ ଚୋରି ହୋଇଛି। ମଙ୍ଗଳବାର ସକାଳେ ସେ ଦୋକାନକୁ ଆସି ଭିତରେ ଥିବା ଗ୍ୟାସ ସିଲିଣ୍ଡର ଓ ଏକ ହଜାରରୁ ଅଧିକ ଖୁଚୁରା ଟଙ୍କା କେହି ଚୋରାଇ ନେଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ନିକଟସ୍ଥ ସି ସି କ୍ୟାମେରାରୁ ରାତି ୩ଟା ସମୟରେ ଜଣେ ବାଇକ୍ ଆରୋହୀ ଆସି ତାଲା କାଟି ଚୋରି କରୁଥିବା ଦେଖାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରିବା ସହିତ ଅନୁସନ୍ଧାନ ଜାରି ରଖିଛି। ବୈଶିଙ୍ଗା ବଜାରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସି କ୍ୟାମେରା ଲଗାଯାଇଥିଲେ ହେଁ ଇତି ମଧ୍ୟରେ ସେସବୁ ଅଚଳ ହୋଇପଡିଥିବା ଜଣାପଡିଛି। ଏଭଳି ସ୍ଥିତିରେ ସିସି କ୍ୟାମେରା ଜନସାଧାରଣଙ୍କୁ ଭକୁଆ ବନାଇବା ପାଇଁ ଏକ ଭେଳିକି ଥିଲା ବୋଲି ସାଧାରଣରେ ଆଲୋଚନା ଚାଲିଛି। ଏସବୁ ସଚଳ ଥିଲେ ବାରମ୍ବାର ଚୋରି ଛିନତାଇ ଘଟଣାରେ ଅପରାଧୀମାନେ ଚମ୍ପଟ ମାରିବାକୁ ସକ୍ଷମ ହୋଇପାରୁ ନ ଥାନ୍ତେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଚାଲିଛି।

### ଭଉଣୀଙ୍କୁ ମାଡ଼, ଭାଇ ନାଁରେ ମାମଲା

ବାରିପଦା,୩୦।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ରତନ ସାହି ଅଞ୍ଚଳର ଜଣେ ମହିଳାଙ୍କୁ ତାଙ୍କ ସାନ ଭାଇ ମାଡ଼ ମାରିବା ଓ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୭୨/୨୬) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଜଣଙ୍କ ହେଲେ ଅଭିରାମ ଲେଙ୍କା। ଅଭିଯୋଗକାରିଣୀ ଆରତୀ ଲେଙ୍କା ଭଡ଼ାଘରେ ରହୁଥିବା ବେଳେ ଟଙ୍କା ନେଣଦେଣକୁ ସାନ ଭାଇ ଅଭିରାମ ସେଠାକୁ ଆସି ମାରପିଟ କରିଥିବା ଏତଲାରେ ଦର୍ଶାଯାଇଛି।

## ଚାକିରି ନିୟମିତ କରିବାକୁ ଠକେଇ

ବାରିପଦା,୩୦।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ■ମାମଲା ରୁଜୁ ପରେ ହେଉନି କାର୍ଯ୍ୟାନୁଷ୍ଠାନ
- ■ଏସ୍‌ପିଙ୍କୁ ଭେଟିଲେ ଅଭିଯୋଗକାରୀ

ମୟୂରଭଞ୍ଜ ଜିଲା ଖୁଣ୍ଟା ଡିଗ୍ରୀ କଲେଜରେ ଦୁଇ କର୍ମଚାରୀଙ୍କ ଚାକିରିକୁ ନିୟମିତ କରିବା ପାଇଁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ ହୋଇଛି। କଲେଜର ଅଧ୍ୟକ୍ଷ ୨ଜଣଙ୍କଠାରୁ ୪ଲକ୍ଷ ୩୦ହଜାର ଟଙ୍କା ନେଇ ଚାକିରିକୁ ସ୍ଥାୟୀ କରିବା ପରିବର୍ତ୍ତେ ଅଶ୍ରାବ୍ୟ ଭାଷା ପ୍ରୟୋଗ କରିଥିବା ନେଇ ଅଭିଯୋଗକାରୀମାନେ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗର ୯ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଯାହାକୁ ନେଇ ଉଭୟ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରଛନ୍ତି। ସୂଚନାଯୋଗ୍ୟ, କଲେଜରେ ଅସ୍ଥାୟୀ କର୍ମଚାରୀ ଭାବେ ଦିଲ୍ଲୀପ କୁମାର ସୋରେନ ଓ ଲ୍ୟାବ ଆସିଷ୍ଟାଣ୍ଟ ତପନ କୁମାର ଦଲେଇ କାର୍ଯ୍ୟ କରୁଥିଲେ। ସେମାନଙ୍କ ଚାକିରିକୁ ନିୟମିତ କରିବା ପାଇଁ ସରକାରଙ୍କ ନିୟମ ମୁତାବକ କାଗଜପତ୍ର ଦାଖଲ ସମ୍ପର୍କରେ ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କୁ ପଚାରିଥିଲେ। ଯାହାକୁ ନେଇ ସେ ପୂର୍ବରୁ ଚାକିରିକୁ ସ୍ଥାୟୀ କରିବା ପାଇଁ ଜଣ ପିଛା ୫ଲକ୍ଷ ଟଙ୍କା ଦାବି କରିଥିଲେ। ଏଥିରେ ଅକ୍ଷମତା ପ୍ରକାଶ କରି ଦିଲ୍ଲୀପ ସୋରେନ ୧ଲକ୍ଷ ୮୦ହଜାର ଓ ତପନ ଦଲେଇ ୨ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରିଥିଲେ। ମାତ୍ର ଟଙ୍କା ନେବା ପରେ ମଧ୍ୟ ଚାକିରି ନିୟମିତ ହେବାରେ ସମୟ ଅବିବାହିତ ହୋଇଥିଲା। ଏ ସମ୍ପର୍କରେ ପଚାରିବାରୁ ଅଧ୍ୟକ୍ଷ ତ୍ରିପାଠୀ ଉଭୟଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ଅଧ୍ୟକ୍ଷ ତ୍ରିପାଠୀଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ ଓ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି।

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଜେଏମ୍‌ଏମ୍‌ର ବିକ୍ଷୋଭ


ବିକ୍ଷୋଭ ପ୍ରଦର୍ଶନ କରୁଥିବା ଜେଏମ୍‌ଏମ୍‌ର କାର୍ଯ୍ୟକର୍ତ୍ତା ଓ କର୍ମୀମାନେ।

ମୋରଡ଼ା,୩୦।୪(ସ୍ମାରକ ମାଜୀ)

ଦୁଇ ଦଫା ଦାବି ନେଇ ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ତରଫରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଉଥିବା ଧାରଣା ଗୁରୁବାର ୪୫ ଦିନରେ ପହଞ୍ଚିଛି। ତେବେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଜେଏମ୍‌ଏମ୍ ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଚିତ୍ରଡାସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ଜେଏମ୍‌ଏମ୍ କର୍ମୀ ସ୍ଥାନୀୟ ଅସ୍ତିଆ ଛକରୁ ଏକ ପଦଯାତ୍ରାରେ ବାହାରି ବ୍ଲକ୍ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ପଦଯାତ୍ରାରେ ଜେଏମ୍‌ଏମ୍ ରାଜ୍ୟ ସଭାପତି ଅଞ୍ଜନୀ ସୋରେନ ଯୋଗ ଦେଇଥିଲେ। କେବଳ ମୋରଡ଼ା ବ୍ଲକ୍ ନୁହେଁ ସମଗ୍ର ଜିଲାରେ ଡାକ୍ତର ସମସ୍ୟା ରହିଛି ଏବଂ ଦୀର୍ଘ ଦିନ ଧରି ଧାରଣା ଦିଆଯାଉଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜେଏମଏମ ପକ୍ଷରୁ କୁହାଯାଇଛି। ସେହିପରି ରାସଗୋବିନ୍ଦପୁର ବ୍ଲକ୍ ଅଧୀନ କାକବାନ୍ଧ ସେବାଶ୍ରମରେ ବିଷାକ୍ତ ଖାଦ୍ୟ ଖାଇ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିବା ଓ ଶତାଧିକ ଛାତ୍ରୀ ଅସୁସ୍ଥ ହେବା ଘଟଣାକୁ ନେଇ ରାଜ୍ୟ ସଭାପତି ସୋରେନ ରାଜ୍ୟ ସାରକାରଙ୍କ ଉପରେ ବର୍ଷିଥିଲେ। ସରକାର ଏସବୁ ଘଟଣା ପ୍ରତି ଧ୍ୟାନ ନ ଦେଲେ ଜେଏମ୍‌ଏମ୍ ଆନ୍ଦୋଳନ କରିବ ବୋଲି ପ୍ରତିକ୍ରିୟା ରଖିଥିଲେ। ସେହିପରି ବର୍ତ୍ତମାନ ଭାଜପା ସରକାରର ସହନଶୀଳତା ନାହିଁ। ମିଥ୍ୟା ପ୍ରତଶ୍ରୁତି ଦେଇ ମୋରଡ଼ା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ ନିର୍ବାଚନ ଜିତିଛନ୍ତି ବୋଲି ଜିଲା ସଭାପତି ଦାସ କହିଥିଲେ। ଜେଏମ୍‌ଏମ୍ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମୋରଡ଼ା ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ,ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

